

କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ରେଳ ମଣ୍ଡଳରେ ଆମ୍ବେଡ଼କରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ

**ସମ୍ବଲପୁର, ୬।୧୨ (ବ୍ୟୁରୋ)**- ବାବା ସାହେବ ଡ. ଭୀମରାଓ ଜୀ ଆମ୍ବେଡ଼କରଙ୍କ ମହାପରାୟଣ ଦିବସ ଶୁକ୍ରବାର ପୂର୍ବତଟ ରେଳବାଇ ସମ୍ବଲପୁର ମଣ୍ଡଳଠାରେ ପାଳିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନେ ବାବା ସାହେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲଭିଏସଏସ ପାତ୍ରୁଡୁ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆରବି ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ୫୫ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ

**ବାମରା, ୬।୧୨ (ଡି.ଏନ.ଏ)**
ବାମରା ସ୍ଥିତ ଷ୍ଟେଶନବସ୍ତି ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ୮ ଦିନିଆ ଆତ୍ମସୁରକ୍ଷା ତାଲିମ ଶିବିର ଆୟୋଜନ କରାଯାଇଛି । ପରିଚାଳନା କମିଟି ଅଧକ୍ଷ ସତ୍ୟଭାମା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଶିବିରରେ ମୋଟ ୫୫ଜଣ ଛାତ୍ରୀ ଭାଗ ନେଇଛନ୍ତି । ଜରାବଗାର କୁମୁଦିନୀ ପ୍ରଧାନ ଓ କେଶାଇବାହାଲର ରୀତା ପଟେଲ ପ୍ରଶିକ୍ଷକ ଭାବେ ଯୋଗଦେଇ ବିଭିନ୍ନ ଯୋଗ, ଆସନ, ବ୍ୟାୟାମ ଓ ଆତ୍ମ ରକ୍ଷା କରିବା ପାଇଁ ସହଜ କୌଶଳ ମାନ ତାଲିମ ଦେଉଛନ୍ତି । ଶିକ୍ଷକ ସଞ୍ଜୟ ସାହୁ, ଶିକ୍ଷୟିତ୍ରୀ କିରଣ ଶର୍ମା, ରଞ୍ଜିତା ନାଏକ ଓ ଦେବଯାନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ





ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ତଲାବିରା ଗ୍ରାମ୍ୟଜଙ୍ଗଲରେ କଡା ସୁରକ୍ଷାରେ ଗଛ କଟା ଆରମ୍ଭ ହୋଇଛି(ବାମ)। କମ୍ପାନୀ ଓ ବନ ବିଭାଗ ପକ୍ଷରୁ ଗଛ କଟା ଯାଉଥିବା ବେଳେ ପୋଲିସର କଡା ସୁରକ୍ଷା ବ୍ୟବସ୍ଥା।

■ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ ବିବାଦ

# କଡ଼ା ସୁରକ୍ଷା ମଧ୍ୟରେ ଗଛ କଟା ଆରମ୍ଭ

**ସମ୍ବଲପୁର,୬।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ତଲାବିରାରେ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ କୋଇଲାଖଣିକୁ ନେଇ ବିସ୍ଥାପିତଙ୍କ ବିବାଦ ଲାଗି ରହିଥିଲା। ଗୁରୁବାର ତ୍ରିପାକ୍ଷିକ ଆଲୋଚନା ପରେ ସେହି ବିବାଦର କିଛି ସମାଧାନ ହୋଇଥିଲା। ପ୍ରଶାସନ ବିସ୍ଥାପିତଙ୍କ ଦାବିକୁ ଗ୍ରହଣ କରିଛି । ହେଲେ ତଲାବିରା ଗ୍ରାମକୁ ଅଧିଗ୍ରହଣ କରିବା ଦାବି ଉପରେ କୌଣସି ଫଇସଲା ହୋଇନାହିଁ। ଶୁକ୍ରବାରଠାରୁ ବନ ନିଗମ ଓ କମ୍ପାନୀ ପକ୍ଷରୁ ଗଛକଟା ଆରମ୍ଭ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଘଟଣାସ୍ଥଳରେ ପୋଲିସ ଅଧିକାରୀମାନେ ଉପସ୍ଥିତ ରହିଛନ୍ତି। କମ୍ପାନୀକୁ ସୁରକ୍ଷା ଦେବାକୁ ପୋଲିସ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି । ବିସ୍ଥାପିତମାନେ ଏହାକୁ ଖୋଲାଖୋଲି ବିରୋଧ କରୁ ନ ଥିଲେ ମଧ ସେମାନଙ୍କ ମନରେ ଅସନ୍ତୋଷ ରହିଛି। ଜିଲାପାଳ ଶୁଭମ ସକସେନା ବିସ୍ଥାପିତଙ୍କ ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆମର ଦାବି ଉପରେ କୌଣସି ପଦକ୍ଷେପ ଏ ପର୍ଯ୍ୟନ୍ତ ନିଆଯାଇନାହିଁ। ଅଧିଗ୍ରହଣ ହୋଇଥିବା ସମସ୍ତ ଜମି ବାବଦରେ ସମାନ ମୂଲ୍ୟ ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ହେଲେ ଭୂ ଅର୍ଜନ ବିଭାଗ ପକ୍ଷରୁ ତାଲିକା ପ୍ରସ୍ତୁତ ସହିତ କିଏ କେତେ ଟଙ୍କା ପାଇବେ ତାହା ଘୋଷଣା କରାଯାଇନାହିଁ। ଅନ୍ୟପକ୍ଷେ ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା ଆରମ୍ଭ ହୋଇନାହିଁ। ତଲାବିରା ଗ୍ରାମକୁ ସମ୍ପୂର୍ଣ୍ଣ ଭାବେ ଅଧିଗ୍ରହଣ କରାଯିବା ଦାବି ଉପରେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗଛ କଟାକୁ ମଧ ସେମାନେ ବିରୋଧ କରୁଛନ୍ତି। କ୍ଷତିପୂରଣ ଦେବା ପରେ ଗଛ କଟା ହେଉ ବୋଲି ସେମାନେ କହିଛନ୍ତି। ଆଜି ଗଛକଟା ଚାଲିଥିବା ବେଳେ ୮ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା। ଗୋଟିଏ ଦିନରେ ପ୍ରାୟ ୩ ଶହ ଗଛ କଟାଯାଇଛି ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ କମ୍ପାନୀକୁ ସ୍ଥାନୀୟ ଲୋକେ ବିରୋଧ କରି କାମ ବନ୍ଦ କରିଦେଇଥିଲେ। କମ୍ପାନୀ ପାଇଁ ପ୍ରାୟ ୧୭ ହଜାର ଗଛ କଟାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ହେଲେ ବାସ୍ତବରେ ତା'ଠାରୁ ଅଧିକ ଗଛ କଟାଯିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଶାଳ,ନିମ୍ବ,ଆମ୍ବଚାର, ମହୁଲ ଆଦି ବଡ ଗଛ କଟାଯିବ ବୋଲି ଜଣାପଡିଛି।

■ବିସ୍ଥାପିତଙ୍କ ଆଶ୍ୱସ୍ତି, ତଥାପି ଅସନ୍ତୋଷ
■ତଲାବିରା ଗ୍ରାମକୁ ଅଧିଗ୍ରହଣ କରାଯାଉ
■୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

### ମହିଳାଙ୍କୁ ମାଡ ଅଭିଯୋଗ

**ସମ୍ବଲପୁର, ୬।୧୨ (ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ ଥାନ ଅନ୍ତର୍ଗତ ପଲଶାପାଲି ଗ୍ରାମରେ ରଶ୍ମିତା ଭୋଇ ନାମକ ଜଣେ ମହିଳାଙ୍କୁ ମାରପିଟ ହୋଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଅଭିଯୋଗ କ୍ରମେ ତାଙ୍କ ପଡୋଶୀ ପରିବାରର ୪ଜଣ ସଦସ୍ୟ ଆସି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମାଡ ମାରିଥିଲେ। ଅଚେତ ଅବସ୍ଥାରେ ତାଙ୍କ ସ୍ୱାମୀ ଉମେଶ ଭୋଇ ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ଶାସନ ଥାନାରେ ଏକ ମାମଲା ରୁଜୁ ହୋଇଛି । ଅନ୍ୟପଟେ ଅପରପକ୍ଷରୁ ମଧ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି।

### ଜିଏମୟୁ ଗ୍ରନ୍ଥାଗାର ଅଫିସ ଉଦ୍‌ଘାଟିତ

**ସମ୍ବଲପୁର, ୬।୧୨ (ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ଅଫିସ ଶୁକ୍ରବାର ଅମୃତବିହାର ପରିସରରେ ଉଦଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ଅତନୁ କୁମାର ପତି ଅନୁଷ୍ଠାନିକ ଭାବେ ଅଫିସର ଉଦଘାଟନ କରିଥିଲେ । କୁଳସଚିବ ଗିରିଶ ଚନ୍ଦ୍ର ସିଂ, ଉପକୁଳସଚିବ ଉମାଚରଣ ପତି ଉପସ୍ଥିତ ଥିଲେ। ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ଆରଏନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅନନ୍ତ ପ୍ରସାଦ କୁମ୍ଭାର, ଭବାନୀଶଙ୍କର ରାଉତ, ଲିଜା ପ୍ରଧାନ, ବିପୁଳ ତନସନା, ଅମିତ କୁମାର ପଟେଲ, ଅନ୍ୱେଷା ମିଶ୍ର, ଜ୍ୟୋତି ସାହୁ, ସଚିନ ସାହୁ, ରାଜା ଦଳପତ କାଯର୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଗୃହରକ୍ଷୀ ବାହିନୀର ପ୍ରତିଷ୍ଠା ଦିବସ

# ଲୋକଙ୍କ ବିଶ୍ୱାସ ଭାଜନ ହେଉଛନ୍ତି ଗୃହରକ୍ଷୀ

**ସମ୍ବଲପୁର, ୬।୧୨ (ବ୍ୟୁରୋ)**

୧୯୬୨ ମସିହାର ଚୀନ ସହ ଯୁଦ୍ଧ ବେଳେ ଭାରତୀୟ ସେନାକୁ ସାହଯ୍ୟ କରିବା ପାଇଁ ସ୍ୱେଚ୍ଛାସେବୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେଦିନ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା କରାଯାଇଥିଲା । ଏବେ ଗୃହରକ୍ଷୀ ବାହିନୀ ଜନସାଧାରଣଙ୍କ ଆସ୍ଥା ଭାଜନ ହୋଇଛି । ଲୋକଙ୍କ ବିଶ୍ୱସ୍ତ ବନ୍ଧୁ ଭାବେ ସେମାନେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଛନ୍ତି। ଗୃହରକ୍ଷୀ ବାହିନୀ ଓଡ଼ିଶା ପୋଲିସର ଏକ ଅବିଚ୍ଛେଦ ଅଙ୍ଗ ଅଟନ୍ତି। ଆଇନ ଶୃଙ୍ଖଳା ରକ୍ଷା, ବାତ୍ୟା, ବନ୍ୟା, ମରୁଡ଼ି ସମୟରେ ଉଦ୍ଧାର ଏବଂ ରିଲିଫ ସାମଗ୍ରୀ ବଣ୍ଟନ, ବିଭିନ୍ନ ପର୍ବ ପର୍ବାଣୀ, ସଭା ସମିତିରେ ଭିଡ଼ ନିୟନ୍ତ୍ରଣ କାର୍ଯ୍ୟରେ ଉତ୍ସର୍ଗୀକୃତ ମନୋଭାବ ନେଇ ସେବା ଯୋଗାଇ ଆସୁଛନ୍ତି। ଆଗକୁ ମଧ୍ୟ ଏଭଳି ନିଃସ୍ୱାର୍ଥପର ଭାବେ ସେବା ଯୋଗାଇ ଦିଅନ୍ତୁ ବୋଲି ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ ଆହ୍ୱାନ କରିଛନ୍ତି। ପ୍ୟାରେଡ଼ର ସେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗୃହ ରକ୍ଷୀ ଏବଂ ଅଗ୍ନୀଶମ ବାହିନୀର ମହାନିର୍ଦ୍ଦେଶକ ନାଗେଶ୍ୱର ରାଓ, ବିଭାଗର ରାଜ୍ୟ ନିର୍ଦ୍ଦେଶକ ସୁନୀଲ ରାୟ ପ୍ରମୁଖ ପଠାଇଥିବା ଶୁଭେଚ୍ଛା ବାର୍ତ୍ତା ଡ଼ିଆଇଜି ହିମାଂଶୁ ଲାଲ ପଢିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସପି ଡାକ୍ତର କନୱର ବିଶାଳ ସିଂ ଓ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ଚଳିତ ବର୍ଷ ପ୍ରଶଂସନୀୟ କାର୍ଯ୍ୟ କିରିଥିବା ଗୃହରକ୍ଷୀ ଶ୍ରେଷ୍ଠ ପରେଡ଼କାରୀ ରୂପେ ତାପସ କୁମାର ନାଏକ, ସଦର ଡାକ୍ତରଖାନାରେ ମୁତୟନ ହୋଇଥିବା ମେରିୟମ ରେଡିଙ୍କୁ ଶ୍ରେଷ୍ଠ ଅଲରାଉଣ୍ଡର, ଟ୍ରାଫିକ ଥାନାର ନିମିତା ସାହୁଙ୍କୁ ଟ୍ରାଫିକ ବ୍ୟବସ୍ଥା, ଗୋବିନ୍ଦପୁର ଥାନାର ଗୁଣନିଧୀ ଗୋପାଳଙ୍କୁ ଶୃଙ୍ଖଳା ରକ୍ଷା, ସର୍ବେଶ୍ୱର ମିର୍ଦ୍ଧାଙ୍କୁ ନିୟମିତ ଉପସ୍ଥାନ, ମହୁଲପାଲି ଥାନାର ବିନୋଦ ନାଏକଙ୍କୁ ଶ୍ରେଷ୍ଠ କାର୍ଯ୍ୟ ସମ୍ପାଦନା ପାଇଁ ପୁରସ୍କୃତ କରିଥିଲେ। ସମାରୋହରେ ତାପସ କୁମାର ନାଏକ ପ୍ୟାରେଡ଼ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଭଗବତୀ ସାଲମା ସଂଯୋଜନା କରିଥିଲେ। ଏଥିରେ ଗୃହରକ୍ଷୀମାନେ ରଙ୍ଗାରଙ୍ଗ ନୃତ୍ୟ ଏବଂ ଗୀତ ପରିବେଷଣ କରିଥିଲେ। ପରେଡ଼ରେ ବ୍ୟାଣ୍ଡଦଳ ଦଳ ଏବଂ ୪ ପ୍ଲାଟୁନ ଗୃହରକ୍ଷୀ ସାମିଲ ରହିଥିଲେ।



ସମ୍ବଲପୁର ପୋଲିସ ରିଜର୍ଭ ପଡିଆରେ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସରେ ଡିଆଇଜି ହିମାଂଶୁଲାଲ ଓ ଏସପି କନୱର ବିଶାଳ ସିଂ ଅଭିବାଦନ କରୁଛନ୍ତି ।

# ଅଭାବୀ ବିକ୍ରିର ଶିକାର ୩ ପଞ୍ଚାୟତର ଚାଷୀ

## କୁଇଣ୍ଟାଲ ଧାନକୁ ୧୩ ଶହ ଟଙ୍କାରେ କିଣୁଛନ୍ତି ବେପାରୀ

**ସମ୍ବଲପୁର,୬।୧୨(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଚାଷୀ ସଙ୍ଗଠନ ଆନ୍ଦୋଳନ ପରେ ଟୋକନ ବ୍ୟବସ୍ଥାରେ କୋହଳ କରାଯାଇ ଧାନ କିଣାବିକା ଆରମ୍ଭ ହୋଇଥିଲା। ସମ୍ବଲପୁର ସବ୍‌ଡିଭିଜନ ପରେ ଏବେ ରେଢ଼ାଖୋଲରେ ମଧ ଧାନ କିଣାବିକା ଆରମ୍ଭ ହୋଇଛି। ହେଲେ ଯୁଯୁମୁରା ବ୍ଲକର କେସାପାଲି, କଂସର, କୟାକୁଦ ଆଦି ୩ ପଞ୍ଚାୟତର ଚାଷୀମାନେ ମଣ୍ଡି ଖୋଲିବାର ୨୦ ଦିନ ବିତିଯାଇଥିଲେ ମଧ ଗୋଟିଏ ବି ବସ୍ତା ଧାନ ବିକ୍ରି କରିପାରିନାହାନ୍ତି। ଏହାର ମୁଖ୍ୟ କାରଣ ତାଙ୍କ ଅଞ୍ଚଳରେ ଚଳିତ ବର୍ଷ ଧାନ କିଣିବା ପାଇଁ ଏସଏଚଜିଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏସ୍‌ଏଚ୍‌ଜି ମହିଳାମାନଙ୍କୁ ବିନା ତାଲିମ ଓ ଭିତ୍ତିଭୂମି ଓ ଅନ୍ୟାନ ବ୍ୟବସ୍ଥା ନ ଥାଇ ଧାନ କିଣିବା ପାଇଁ ଦାୟିତ୍ୱ ଦିଆଯାଇଥିବାରୁ ୩ ଟି ପଞ୍ଚାୟତର ୩୯୮ ଜଣ ଚାଷୀମାନଙ୍କୁ ଧାନ ବିକ୍ରିରେ ସମସ୍ୟା ହେଉଛି । ଏପଟେ ହାତୀ ଓ ବରାହା ଧାନ ନଷ୍ଟ କରୁଛନ୍ତି । ଯାହା ବଳୁଛି ତାହ ବିକ୍ରି ହୋଇ ପାରୁନାହିଁ। ତେଣୁ ବାଧ ହୋଇ ବେପାରୀମାନଙ୍କୁ ବିକ୍ରି କରିବାକୁ ପଡୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ, ଚାଷୀମାନେ କୁଇଣ୍ଟାଲ ପିଛା ୧୩ ଶହ ଟଙ୍କାରେ ବେପାରୀଙ୍କୁ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଚାଷୀର କୁଲ ପିଛା ୫୬୦ ଟଙ୍କା ସିଧା ସଳଖ କ୍ଷତି ହେଉଛି। ଫଳରେ ଚାଷ ପାଇଁ ଆଣିଥିବା ମହାଜନ ଓ ବ୍ୟାଙ୍କ ଋଣ କିଭଳି ପରିଶୋଦ କରିବ ସେ ନେଇ ଚିନ୍ତାରେ ପଡି ଯାଇଛନ୍ତି। ସେମାନେ ଆହୁରୀ ଅଭିଯୋଗ କରିଛନ୍ତିଯେ, ଏସଏଚଜି ମହିଳା ମାନଙ୍କ ପଛରେ ଅନ୍ୟଲୋକମାନେ କାମ କରୁଛନ୍ତି। ସେମାନେ ଅଞ୍ଚଳର ସକ୍ରୀୟ ଧାନ ବେପାରୀମାନେ ସେମାନଙ୍କୁ ନେଇ ଲାଭବାନ ହେବାକୁ ଉଦ୍ୟମ କରୁଛନ୍ତି। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଚାଷୀମାନ ଦାବୀ କରିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠଙ୍କ ପଚାରିବାରୁ ଜିଲାରେ ମୋଟ ୮ ଟି ଏସଏଚଜିଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନଙ୍କୁ ତାଲିମ ମଧ ପ୍ରଦାନ କରାଯାଇଛି । କେଉଁ କାରଣରୁ ବିଳମ୍ବ ହୋଇଛି ରିପୋର୍ଟ ତଲବ କରାଯିବ। ଚାଷୀଙ୍କୁ ସମସ୍ୟା ଦୂର ହେବ। ବେପାରୀ ମାନଙ୍କ ପ୍ରତି ମଧ କାଯର୍ୟାନୁଷ୍ଟାନ ଗ୍ରହଣ କରାଯିବ ବୋଲି କହିଥିଲେ । ଏ ସମ୍ପର୍କରେ ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଆଶୋକ ପ୍ରଧାନ କହିଛନ୍ତି ଯେ, ଆମେ ଆରମ୍ଭରୁ ବିରୋଧ କରି ଆସୁଛୁ। ମହିଳାମାନଙ୍କୁ ସ୍ୱାବଳମ୍ବୀ କରିବା ଉଚତି ହେଲେ ପ୍ରଶାସନ ଧାନ କିଣା ବିକା ଠିକ ଭାବେ କରି ପାରୁନାହିଁ ପ୍ରାୟ ମାର୍କେଟ ୟାଡ ଗୁଡିକରେ ସମସ୍ୟା ରହୁଛି। ସେମାନେ କେମିତି ସାମିଲ ହେବେ। ଅନ୍ୟ ଆଉ ଜଣଙ୍କ ଆଶ୍ରୟ ନେବେ। ମହିଳାମାନଙ୍କ ନାମରେ ଅନ୍ୟ ବ୍ୟକ୍ତି ଲାଭ ଉଠାଇବ। ଶେଷରେ ଏସ୍‌ଏଚଜି ମହିଳମାନେ ବଦନାମ ହେଉଛନ୍ତି। ଏହାର ଉଦାହରଣ ମଧ ରହିଛି । ଜିଲାର କୁଚିଣ୍ଡା ସବଡିଭିଜନରେ ୩୯ କୋଟି ଟଙ୍କାର ଦୁର୍ନୀତ ହୋଇଥିଲା। ଚାଷୀ ସଂଗଠନ ଅଭିଯୋଗ କ୍ରମେ ତଦନ୍ତ କଲାପରେ ସତ୍ୟ ସମାନକୁ ଆସିଥିଲା। ପୁଣି ଜିଲାରେ ମହିଳାମାନଙ୍କୁ ଦାୟିତ୍ୱ ଦିଆଯାଇଛି ଏଥିରେ ଚାଷୀଙ୍କୁ ଅସୁବିଧା ହେଉଛି ବୋଲି କହିଥିଲେ।

**ଚାଷୀ ସଙ୍ଗଠନର ଆଶଙ୍କା ସତ ହେଲା**

# ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗୁଣିଆ ଗିରଫ

**ଜମନକିରା,୬।୧୨ (ଡି.ଏନ୍‌.ଏ.)**

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ଖରମୁଣ୍ଡା ଗାଁର ଆକବର ରାଉତ (୬୦) ନାମକ ଜଣେ ବ୍ୟକ୍ତି ଜମନକିରା ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ସେ ଗୁଣିଗାରେଡି କରୁଥିବାରୁ ଗତ ୩ ତାରିଖ ଦେବଗଡ଼ ଜିଲା ରିଆମାଳ ଥାନା କଂସର ଫାଣ୍ଡି ଅଞ୍ଚଳର ଜଣେ ବ୍ୟକ୍ତି ନିଜର ୧୯ ବର୍ଷ ବୟସର ଦିବ୍ୟାଙ୍ଗ ଝିଅକୁ ଦେଖାଇବାକୁ ଆଣିଥିଲେ। ହେଲେ ସେଦିନ ରାତିରେ ଏହି ଘଟଣା ଘଟାଇ ଅଭିଯୁକ୍ତ ଧରା ପଡିଥିଲେ। ପରଦିନ ଗାଁରେ ଏକ ବୈଠକ ବସିଥିଲା। ଶେଷରେ ଏ ନେଇ ଗୌଡ଼ପାଲି ଫାଣ୍ଡିରେ ଯୁବତୀଙ୍କ ବାପା ଲିଖିତ ଅଭିଯୋଗ କରିବା ପରେ ଜମନକିରା ଥାନା ପୋଲିସ ଏକ ମାମଲା (ନଂ.୧୨୬/୧୯) ରୁଜୁ କରିଛି। ଉଭୟଙ୍କୁ ଡାକ୍ତରୀ ମାଇନା ପରେ ପୋଲିସ ଅଭିଯୁକ୍ତ ଆକବରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ଜେଲ୍ ଯିବାକୁ ପଡିଛି।

# ଏବିଭିପି ପକ୍ଷରୁ ଆମ୍ବେଡ଼କରଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୬।୧୨ (ବ୍ୟୁରୋ)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବାବା ସାହେବ ଭୀମରାଓଜୀ ଆମ୍ବେଡ଼କରଙ୍କ ପୂର୍ଣ୍ଣତିଥି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ପାଳିତ ହୋଇଯାଇଛି। ଏବିଭିପି ନଗର ଶାଖା ସଭ୍ୟମାନେ ବାବା ସାହେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଜୟଗାନ କରିଥିଲେ। କଳାମଞ୍ଚ ପ୍ରମୁଖ ଜିତୁରାଜ ଚାନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ସଂଯୋଜକ ରାଜା ଦଳପତ, ମାନସ ସାହୁ, ଲଳିତ ଦାଶ, ସ୍ୱେତାଂଶୁ ଶେଖର ବାରିକ, ଅନୁପମା ସେଠ, ଚନ୍ଦନ ମୁଦୁଲି, ଜଗମୋହନ ନାୟକ, ସୁଗମ ମିଶ୍ର, ଅଭିଳାଷ ମେହେର, ସ୍ଥିତପ୍ରଜ୍ଞା ପୁରୋହିତ, ରୋହନ ବେହେରା, ଅଙ୍କିତା ପଣ୍ଡା, ଦିପ୍ତୀ ଭୋଇ, ଅନନ୍ଦା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଶୁକ୍ରବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଏବିଭିପି ପକ୍ଷରୁ ବାବାସାହେବ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

■ ବିରୋଧୀ ଆଭିମୁଖ୍ୟ ନେଇ ଅସନ୍ତୋଷ

# ଶ୍ରମ ଆୟୁକ୍ତ ଅଫିସ ସମ୍ମୁଖରେ ବିକ୍ଷୋଭ

**ସମ୍ବଲପୁର,୬।୧୨(ବ୍ୟୁରୋ)**

ଜିଲା ଶ୍ରମ କାର୍ଯ୍ୟାଳୟ ଶ୍ରମିକ ସଂଘ ବିରୋଧ ଆଭିମୁଖ୍ୟ ଗ୍ରହଣ କରିଛି । ଶ୍ରମିକମାନଙ୍କୁ ପରିଚୟ ପତ୍ର ଦେବାରେ ବିଳମ୍ବ କରାଯାଉଛି । ମୃତ୍ୟୁ କାଳୀନ, ବିବାହ,ଶିକ୍ଷା, ପ୍ରସବ କାଳୀନ ସହାୟତା ପ୍ରଦାନ କରାଯାଉନାହିଁ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ବାରମ୍ବାର ନିୟମରେ ପରିବର୍ତ୍ତନ କରାଯାଉଛି । ଫଳରେ ଶ୍ରମିକମାନଙ୍କୁ ସରକାରୀ ସୁବିଧା ମିଳିପାରୁନାହିଁ ବୋଲି ଅଭିଯୋଗ କରି ସମ୍ବଲପୁର ଜିଲା ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ ସମିତି ପକ୍ଷରୁ ଶ୍ରମ ଆୟୁକ୍ତଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବୁଆପଡା ଛକ-ଜେଲଛକ ରାସ୍ତାରେ ଥିବା ଜିଲା ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା ଅବରୋଧ କରାଯାଇଥିଲା ।

ପ୍ରଥମେ ଜିଲାପାଳଙ୍କ ଅଫିସ ନିକଟରୁ ଏକ ବିଶାଳ ରାଲି ବାହାରି ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଶ୍ରମିକମାନେ ରାସ୍ତା ଅବରୋଧ କରିଥିଲେ। ଏହାପରେ ଏକ ପ୍ରତିନିଧି ଦଳ କମିଶନରଙ୍କ ସହ ଉପରୋକ୍ତ ସମସ୍ୟା ନେଇ ଆଲୋଚନା କରିଥିଲେ। ଶ୍ରମିକମାନଙ୍କ ନାମ ଠିକ ଭାବେ ଯାଞ୍ଚ କରି ପଞ୍ଜୀକରଣ କରାଯିବ। ସହାୟତା ରାଶି ପ୍ରଦାନ ପାଇଁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯିବ। ଆସନ୍ତା ୧ ମାସ ଭିତରେ ଉପରୋକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଶ୍ରମ ଆୟୁକ୍ତ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସଂଘ ସଭାପତି ପ୍ରଶାନ୍ତ ପାଢୀ, ତ୍ରିନାଥ ରଣବିଡା, ଇନ୍ଦ୍ରଜିତ ତାଣ୍ଡି, ଲକ୍ଷ୍ମୀଧର ଖିଲାରୀ, ବସନ୍ତ ସ୍ୱାଇଁ, ଭକ୍ତବନ୍ଧୁ ମାଝି, ଟିକୁ ମିର୍ଦ୍ଧା, ସସ୍ମିତା ଦୀପ, ରୋହିତାସ୍ୱ ସାହୁ, ଶଶାଙ୍କ ଶେଖର ପାଳ, ଜୌତିନ୍ଦ୍ର ସାହୁ, ମମତା ପଣ୍ଡା, ଅର୍ଚ୍ଚନା ସାହାଣୀ, ପିଣ୍ଟୁ ଓରାମ, ବିଦ୍ୟୁତ ପ୍ରଭା ଯୋଶୀଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଶ୍ରମିକମାନେ ଉପସ୍ଥିତ ରହିଥିଲେ।



ସମ୍ବଲପୁର ଜିଲା ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକମାନେ ରାସ୍ତା ଅବରୋଧ କରିଛନ୍ତି।

■ରାସ୍ତା ଅବରୋଧ କଲେ ଶ୍ରମିକ
■ଏକମାସ ଭିତରେ ବିବାଦର ହେବ ସମାଧାନ



ନିଜର ସାମର୍ଥ୍ୟକୁ ଜଣେ ଯେତେବେଳେ ସନ୍ଦେହ କରେ,
ସେ ଆଉ ପ୍ରଗତି ପଥରେ ଆଗେଇପାରେ ନାହିଁ।
- କନ୍‌ଫୁସିୟସ୍‌



## ସଂକ୍ଷେପରେ

### ପଲିଥିନ ଚଢ଼ାଉ, ୨୫ ହଜାର ଜରିମାନା

ବରପାଲି, ୬।୧୨ (ଡି.ଏନ.ଏ)
ବରପାଲି ଏନଏସି ପକ୍ଷରୁ ପଲିଥିନ ଚଢ଼ାଉ କରାଯାଇଛି । ଚଢ଼ାଉ ବେଳେ ପ୍ରାୟ ୭ କୁଇଣ୍ଟାଲ ପ୍ଲାଷ୍ଟିକ ଝୁଲା, ଗ୍ଲାସ ଓ ପଲିଥିନ ଆଦି ଜବତ କରାଯିବା ସହିତ ସମ୍ପୃକ୍ତ ବ୍ୟବସାୟୀ ମୁକେଶ ଅଗ୍ରୱାଲଙ୍କଠାରୁ ୨୫ ହଜାର ଜରିମାନା ଆଦାୟ କରାଯାଇଛି। ପୂର୍ବରୁ ଅଫିସରେ ଥିବା ପଲିଥିନ ଏବଂ ଜବତ ସାମଗ୍ରୀକୁ ବରଗଡ ସିମେଣ୍ଟ ଫ୍ୟାକ୍ଟ୍ରି ପଠାଯିବାର ପ୍ରସ୍ତାବ ରହିଛି ବୋଲି ଅଫିସ ସୂତ୍ରରୁ ଜଣାପଡିଛି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମତାମତ ମିଳିନାହିଁ । ଚଢ଼ାଉରେ ଅଜିତ ମେହେର, ଯୋଗାନନ୍ଦ ବେହେରା, ଗୁଣନିଧି ବାଗ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଗୁରୁବାର ଏକ ଟେମ୍ପୋ ଯୋଗେ ପ୍ଲାଷ୍ଟିକ ସାମଗ୍ରୀ ବୋଝେଇ ହୋଇ ସହରର ଜଣେ ବ୍ୟବସାୟୀଙ୍କ ଗୋଦାମକୁ ଆସୁଥିଲା । ସୂଚନା ପାଇ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ମେହେରଙ୍କ ନିର୍ଦ୍ଦେଶ କ୍ରମେ ସାନିଟେଶନ କର୍ମଚାରୀମାନେ ବ୍ଲକ ନିକଟସ୍ଥ ଗୋଦାମରେ ଚଢ଼ାଉ କରିଥିଲେ ।

### ଦୂଷିତ ପାଣି ପିଉଛନ୍ତି ଛାତ୍ରୀଛାତ୍ର

ଜାମଟିକ୍ରା, ୬।୧୨ (ଡି.ଏନ.ଏ)
ଅତାବିରା ବ୍ଲକ କୁଲୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି ୟୁପି ସ୍କୁଲର ଛାତ୍ରୀଛାତ୍ରମାନେ ଦୂଷିତ ପାଣି ପିଉଥିବା ଅଭିଯୋଗ ହୋଇଛି । ଏହି ବିଦ୍ୟାଳୟରେ ଏକ ନଳକୂପ ଅଛି ଏବଂ ଏହି ନଳକୂପରୁ ଲୁହାଗୁଣ୍ଡ ମିଶା ହଳଦିଆ ଦୂଷିତ ପାଣି ବାହାରୁଛି । ଏହି ପାଣିକୁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପିଇବା ପାଣି ହିସାବରେ ବ୍ୟବହାର କରୁଛନ୍ତି । ଏହି ପାଣିରେ ସବୁଦିନ ସ୍କୁଲରେ ରୋଷେଇ ମଧ ହୁଏ । ନଳକୂପକୁ ମରାମତି କରିବା ପରେ ମଧ ଏପରି ପାଣି ବାହରୁଛି। ଏ ସମ୍ପର୍କରେ ସ୍କୁଲର ପ୍ରଧାନଶିକ୍ଷକ ଶିବପ୍ରସାଦ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, କ'ଣ କରିବୁ ଆଜ୍ଞା, ଏ ବାବଦରେ ପ୍ରଶାସନକୁ ଜଣାଇଲେ ମଧ କିଛି ସୁଫଳ ମିଳୁନାହିଁ । ଫଳରେ ଏଭଳି ପାଣି ବ୍ୟବହାର କରିବାକୁ ବାଧ ହେଉଛୁ ।

### ରୋଗୀ କଲ୍ୟାଣ ସମିତି ବୈଠକ

ପାଇକମାଳ, ୬।୧୨ (ଡି.ଏନ.ଏ)
ପାଇକମାଳ ବ୍ଲକ ମାଣ୍ଡୋସିଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତିର ଏକ ବୈଠକ ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏବିଡିଓ ପ୍ରଦୀପ କୁମାର ଭୋଇ, ବୁକରାମୁଣ୍ଡା ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ନାରାୟଣ ପଶାୟତ, ବିପିଏମ ବିଜୟ ସରାଫ, ପିଏଇବି ତୁଷ କୁମାର ଚନ୍ଦ୍ରକାର, ବିଏଏମ ସୁବ୍ରତ କୁମାର ବିଶ୍ୱାଳ, ଫାର୍ମାସିଷ୍ଟ ପ୍ରାଣକୃଷ୍ଣ ଭଦ୍ର, ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ତନସନା ପ୍ରମୁଖ ଯୋଗଦେଇ ସମିତିର ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରଥିଲେ। ଡା. ଅନୀତା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଜୟ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଧାନ ବିକ୍ରି ପାଇଁ ଟୋକନ ଆସିନି

# ମଣ୍ଡିରେ ତାଲା ପକାଇ ଧାରଣା

ଭେଡ଼େନ, ୬।୧୨(ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଞ୍ଚଳରେ ଖରିଫ ଧାନ ବିକ୍ରିକୁ ନେଇ ଚାଷୀ ଅସନ୍ତୋଷ ଥମିବା ନାଁ ନେଉନାହିଁ । ବିଶେଷ କରି ନୂତନ ଭାବେ ଟୋକନ ବ୍ୟବସ୍ଥାକୁ ନେଇ ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହାକୁ ନେଇ ଶୁକ୍ରବାର ପପଙ୍ଗା ମାର୍କେଟ ୟାର୍ଡ଼ରେ ଚାଷୀମାନେ ତାଲା ପକାଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହି ଅଞ୍ଚଳର ବହୁ ଚାଷୀଙ୍କ ଧାନ ଅମଳ ହୋଇଥିଲେ ମଧ ଟୋକନ ଆସି ନ ଥିବାରୁ ଗତ ବୁଧବାର ମାର୍କେଟରେ ତାଲା ପକାଇବାକୁ ସ୍ଥିର କରିଥିଲେ। ତେବେ ଟୋକନ ପାଇ ନ ଥିବା ଚାଷୀମାନେ ଦୁଇ ଦିନ ସମୟ ଦେଇଥିଲେ। ଶୁକ୍ରବାର ସୁଦ୍ଧା ଏହି ଟୋକନ ନ ଆସିବାରୁ ଚାଷୀମାନଙ୍କ ମଧରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ୟାର୍ଡ଼ କର୍ମଚାରୀ ମାନଙ୍କୁ ଅଫିସରୁ ବାହାରି ଯିବାକୁ କହି



ଚାଷୀମାନେ ପପଙ୍ଗା ମାର୍କେଟ ୟାର୍ଡ଼ରେ ଧାରଣାରେ ବସିଛନ୍ତି ।

ତାଲା ପକାଇ ଧାରଣାରେ ବସିଥିଲେ। ଖବର ପାଇ ପପଙ୍ଗା ସରପଞ୍ଚ ପୁରୁଷୋତ୍ତମ ସାହୁ ଧାରଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରି ଫୋନ ଯୋଗେ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ପରେ ରୁଷୁଡ଼ା କୃଷି ସମବାୟ ସମିତି ସମ୍ପାଦକ ଗଙ୍ଗାଧର ଗରିଆ ସେଠାରେ ପହଞ୍ଚି ଟୋକନ ପାଇ ନ ଥିବା ଚାଷୀଙ୍କ ଟୋକନ ସନ୍ଧ୍ୟା ସୁଦ୍ଧା ବାହାରିଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ଯଦି ଚାଷୀମାନଙ୍କୁ ଭୂଆଁ ବୁଲାଇବାକୁ ଦିଆଯାଇଥାଏ, ତେବେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ବିଶ୍ୱଜିତ ହୋତା, କୃଷ୍ଣ କୁଶଲିଆ, ଅନନ୍ତ ହୋତା, ଏକାଦଶିଆ ମହାକୁର, କେ. ସତ୍ୟନାରାୟଣ, ଭବାନୀ ଦେହେରୀ ଗୋପୀନାଥ ଦୀପଙ୍କ ସମେତ ପପଙ୍ଗା ଅଞ୍ଚଳର ବହୁ ଚାଷୀ ଯୋଗ ଦେଇଥିଲେ ।

ଏସଏଚଜି ଗ୍ରୁପ୍ ସମନ୍ୱୟ ମେଳା

# ୧୧୫ ଏସ୍‌ଏଚ୍‌ଜିକୁ ୧.୭୬ କୋଟି ଋଣ ପ୍ରଦାନ

ବରଗଡ଼ ଅଫିସ୍,୬।୧୨

ବରଗଡ଼ ବ୍ଲକ ଅଫିସ ପରିସରରେ ଶୁକ୍ରବାର ଓଡ଼ିଶା ଜୀବିକା ମିଶନ ଆନୁକୂଲ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏକ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉକ୍ତ ମେଳାରେ ବରଗଡ଼ ବ୍ଲକର ୧୧୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୧କୋଟି ୭୬ଲକ୍ଷ ୭୦ହଜାର ଟଙ୍କା ଋଣ ବ୍ୟାଙ୍କର୍ସ ମାନଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଏବିଡ଼ିଓ କୃଷ୍ଣଚନ୍ଦ୍ର ସାହୁ, ପିଏ ଝସକେତନ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲିଡ୍ ବ୍ୟାଙ୍କ ମ୍ୟାନେଜର ସୀତାରାମ ମେହେର, କିଶୋର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ରାଜେଶ କୁଅଁର, ବଲରାମ ବାଗ ପ୍ରମୁଖ ସହଯୋଗ କରିଥିବାବେଳେ ଝସକେତନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।



ବରଗଡ଼ ବ୍ଲକ ଅଫିସରେ ଅନୁଷ୍ଠିତ ସମନ୍ୱୟ ମେଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

# ବୁଢ଼ୁଧ୍ ଦମ୍ପତିଙ୍କର ପାସେ ପୁହୁଁଚିଲା ପରଶାସନ

ଗଣ୍ଡତୁରୁମ, ୬।୧୨ (ଡି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ଗାଁର ବୁଢ଼ୁଧ୍ ଦମ୍ପତି ଘନ ଦେହେରୀ ଆର ସାଲିଣୀଙ୍କର ପାସେ ଗୁରୁବାର ପରଶାସନ ପୁହୁଁଚିଛେ। ଇ ବାବ୍‌ଦେ ଗଲା ୫ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଭତାରୁ ବଁଚିତ୍ ବୁଢ଼ୁଧ୍ ଦମ୍ପତି' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ପରଶାସନର ବୁଢ଼ୁଧ୍ ଦମ୍ପତିକୁଁ ସାହାଯ୍‌ର ହାତ ବଢ଼େଇଛେ।

**ଧରିତ୍ରୀ ପ୍ରଭାବ**

ସୂଚନା ହିସାବେ ମହୁଲପାଲିର ବୁଢ଼ୁଧ୍ ଦମ୍ପତି ଘନ ଦେହେରୀ ଆର ତାକର ମାଏକିନା ସାଲିଣୀ ବଏସର ଶେଷ ମୁଡ଼ସାକେ ପୁହୁଁଚି ସାରିଛନ୍। ହେଲେ ଏଭ୍‌ତକ ସେମାନେ ସରକାରକଁର ଭତା ଯୋଜନାରେ ସାମିଲ ହେଇ ନାଇଁପାରି। ଯେନ୍‌ଥିରଲାଗି ବୁଢ଼ୁଧ୍ ଦମ୍ପତି ବଡ଼ା ଦୁଖେ ଦିନ୍ ବିତଉଛନ୍। ଏନ୍‌ତା କି ଘନ ଭତାର ଲାଗି ପାଖାପାଖି ୧୦ଥର ଆବେଦନ କରି ନିରାଶ ହେଇଥିବାର ଅଭିଯୋଗ କରିଥିଲେ। ଇ ବାବ୍‌ଦେ ଗଲା ୫ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଟିକିନିଖିନୁ ଖବର ବାହାରିଥିଲା। ଇ ଖବର ପଢ଼ି ଜିଲା ଆଇନ୍ ସେବା ପ୍ରାଧିକରଣ ସଚିବ ନୀଳିମା ପଣ୍ଡାଙ୍କର ନିରଦେଶରେ ପିଏଲ୍‌ବି ଚନ୍ଦ୍ରଶେଖର ପ୍ରଧାନ ମହୁଲପାଲିରେ ପୁହୁଁଚିଥିଲେ। ସେ ଘନକଁର ଘରକେ ଯାଇ ତାକର ଦୁଖ୍‌ସୁଖ ବୁଝିବାର ସଂଗେ ଭତାର ଲାଗି ଆବେଦନ ପତରରେ ଦସ୍‌ଖତ ନେଇଛନ୍। ଆବେଦନ ପତର ଡିଏସ୍‌ଏସ୍‌ଓକୁଁ ଦେଇ ଯେତେ ଜଲଦି ହେବା ଭତା କରାବାର ବେବସ୍‌ତା କରାଯିବା ବଲି ପିଏଲ୍‌ବି ପଧାନ କହିଛନ୍।



ପିଏଲ୍‌ବି ଚନ୍ଦ୍ରଶେଖର ପ୍ରଧାନ ଘନକୁଁ ତାକର ହାଲଚାଲ ପଚାରି ବୁଝୁଛନ୍।

# ରାଜରାସ୍ତାକୁ ଓହ୍ଲାଇଲେ ଚାଷୀ

ବରଗଡ଼ ଅଫିସ୍,୬।୧୨

■ ମଣ୍ଡି ଖୋଲିବା ଦାବିରେ ଆନ୍ଦୋଳନ
■ ଆନ୍ଦୋଳନ ପରେ ଖୋଲିଲା ମଣ୍ଡି
■ ଉପଜିଲାପାଳ କଲେ ଉଦ୍‌ଘାଟନ

ବରଗଡ଼ ଜିଲାରେ ଟୋକନ, ଚାଷୀ ପରିଚୟପତ୍ର ପଞ୍ଜୀକରଣରେ ତ୍ରୁଟି, କଟନୀଛଟନୀ ପରେ ନିର୍ଦ୍ଧାରିତ ସ୍ଥାନରେ ମଣ୍ଡି ଖୋଲା ନ ଯିବାକୁ ନେଇ ଚାଷୀ ଆନ୍ଦୋଳନ ବଢ଼ିବାରେ ଲାଗିଛି । ଏହି କ୍ରମରେ ସୋହେଲା ବ୍ଲକ ଜେ. ଶ୍ରୀଗିଡ଼ା ଗ୍ରାମପଞ୍ଚାୟତର ଚାଷୀମାନେ ଶ୍ରୀଗିଡ଼ା ଗ୍ରାମରେ ଏକ ମଣ୍ଡି ଖୋଲିବା ଦାବି ନେଇ ଶୁକ୍ରବାର ସ୍ଥାନୀୟ ବାଇପାଲି ମୁନିଗାଡ଼ ଛକରେ ୬ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ଫଳରେ ଦୀର୍ଘ ସମୟ ଧରି ରାଜପଥରେ ଯାତାୟାତ ପ୍ରଭାବିତ ହୋଇଥିଲା । ପରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ଆନ୍ଦୋଳନସ୍ଥଳକୁ ପହଞ୍ଚି ମଣ୍ଡି ଖୋଲିବା ନେଇ ନିର୍ଭର ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ ଏବଂ ରାଜପଥରେ ଯାତାୟାତ ସ୍ୱାଭାବିକ ହୋଇଥିଲା ।

ସୂଚନା ଅନୁଯାୟୀ, ଶ୍ରୀଗିଡ଼ା ପଞ୍ଚାୟତର ଚାଷୀମାନଙ୍କୁ ଧାନ ବିକ୍ରି ପାଇଁ ସରକଣ୍ଡା ପ୍ୟାକ୍ସକୁ ମଣ୍ଡି ଭାବେ ପୂର୍ବରୁ ସ୍ଥାନ ନିରୂପିତ ହୋଇ ଆସିଥିଲା। ତେବେ ଶ୍ରୀଗିଡ଼ା ପଞ୍ଚାୟତରୁ ଏହି ମଣ୍ଡିର ଦୂରତା ୧୫କି.ମି ହୋଇଥିବାରୁ ଚାଷୀମାନେ ଧାନ କିଣାବିକା ପାଇଁ ସେହି ମଣ୍ଡିକୁ ଯିବାରେ ହଇରାଣ ହରକତ ହେଉଥିଲେ । ଫଳରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଉକ୍ତ ପଞ୍ଚାୟତର ଚାଷୀମାନେ ଶ୍ରୀଗିଡ଼ା ଗ୍ରାମରେ ସେମାନଙ୍କ ପାଇଁ ଏକ ମଣ୍ଡି ଖୋଲିବା ବ୍ୟବସ୍ଥା କରିବାକୁ ଜିଲା ପ୍ରଶାସନଠାରେ ଦାବି କରି ଆସୁଥିଲେ । ଗତ ଅଗଷ୍ଟ ମାସରୁ ଚାଷୀମାନେ ସ୍ଥାନୀୟ ପ୍ୟାକ୍ସ ସମ୍ପାଦକଙ୍କଠାରୁ ଆରମ୍ଭ କରି ପଦ୍ମପୁରର ସହକାରୀ ସମବାୟ ନିବନ୍ଧକ, ଉପଜିଲାପାଳଙ୍କଠାରେ ଅନୁରୂପ ଅଭିଯୋଗ କରି ଆସିଥିଲେ। ଚାଷୀଙ୍କ ଅଭିଯୋଗକୁ ବିଚାରକୁ ନେଇ ପଦ୍ମପୁର ଉପଜିଲାପାଳ ତାଙ୍କ ପତ୍ରସଂଖ୍ୟା:-୮୪ ତା:-୧୯/୧୧/୧୯କ୍ରମେ ଶ୍ରୀଗିଡ଼ାରେ ମଣ୍ଡି ଖୋଲିବା ପାଇଁ ବିହିତ ପଦକ୍ଷେପ ନେବାକୁ ସେତେବେଳେ ବରଗଡ଼ ଜିଲା ଯୋଗାଣ ଅଧିକାରୀଙ୍କୁ ପ୍ରସ୍ତାବ ଦେଇଥିଲେ । ମାତ୍ର ଜିଲା ଯୋଗାଣ ଅଧିକାରୀ ସେ ନେଇ କିଛି ପଦକ୍ଷେପ ନେଇ ନ ଥିଲେ ।

ଫଳରେ ଶ୍ରୀଗିଡ଼ା ପଞ୍ଚାୟତର ଚାଷୀମାନେ ଗତ ୨ତାରିଖରେ ପୁଣି ଜିଲାପାଳ ଅଫିସକୁ ଆସି ସେହି ଦାବିକୁ ଦୋହରାଇଥିଲେ। ଏହାସହିତ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ତଥାପି ଶ୍ରୀଗିଡ଼ା ଗ୍ରାମରେ ମଣ୍ଡି ନ ଖୋଲିବାରୁ ଅଞ୍ଚଳର ଚାଷୀମାନେ ଶୁକ୍ରବାର ରାଜରାସ୍ତାକୁ ଓହ୍ଲାଇଥିଲେ । ସୁଶୀଲ ସାହୁ, ହର ବଣିଆଁ, ଭାଗିରଥି ବାରିକ, ମୋହନ ନାଏକ, ଲୋକେଶ ସାହୁ, ଯୁବକ ନାଏକ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସେହିପରି ଜୟ କିଶାନ ଆନ୍ଦୋଳନର ରମେଶ ମହାପାତ୍ର, ସୁରେନ୍ଦ୍ର ମେହେର, ବିଶ୍ୱ ସା ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକୁ ସମର୍ଥନ କରିଥିଲେ। ଆନ୍ଦୋଳନ ପରେ ଉପଜିଲାପାଳ ଶ୍ରୀଗିଡ଼ା ରାଜୀବ ସେବାକେନ୍ଦ୍ରକୁ ଯାଇ ସେଠାରେ ନଡ଼ିଆ ଭାଙ୍ଗି ମଣ୍ଡି ଉଦ୍‌ଘାଟନ କରିଥିଲେ ।



ମଣ୍ଡି ଖୋଲିବା ଦାବିରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି ।

# ଆଦର୍ଶ ବିବାହ ବନ୍ଧନରେ ବାନ୍ଧି ହେଲେ ପ୍ରେମୀଯୁଗଳ



ପରିବାର ଓ ସମ୍ପର୍କୀୟଙ୍କ ଗହଣରେ ନବବିବାହିତ ଦମ୍ପତି ।

ସୋହେଲା,୬।୧୨(ଡି.ଏନ.ଏ)
ବ୍ୟାଣ୍ଡବାଜା କି ବରଯାତ୍ରୀ ନ ଥିଲେ । କେବଳ ମନ୍ଦିର ପୂଜକଙ୍କ ମନ୍ତ୍ରପାଠ ସହିତ ଫୁଲମାଳ ପିନ୍ଧାଇ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ଏକ ପ୍ରେମୀ ଯୁଗଳ। ଶୁକ୍ରବାର ସ୍ଥାନୀୟ ଡାକବଙ୍ଗଳା ସ୍ଥିତ ମହାଦେବ ମନ୍ଦିରରେ ଏହି ନିରାଡମ୍ବର ବିବାହ ଅନୁଷ୍ଠିତ ହୋଇଥିଲା। ସୂଚନା ଅନୁସାରେ, ମେଲଛାମୁଣ୍ଡା ଥାନା କଟାପାଲି ଗ୍ରାମର ମୋହିନୀ ଭୋଇ କଳଙ୍ଗାପାଲି ଗ୍ରାମର ସଞ୍ଜୀବ ସାହୁ ପରସ୍ପରକୁ ଭଲ ପାଉଥିଲେ। ପୁଅଝିଅଙ୍କ ଇଚ୍ଛା ପୂରଣ ପାଇଁ ଉଭୟ ପକ୍ଷର ସହମତି କ୍ରମେ ଶୁକ୍ରବାର ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମନ୍ଦିର ପୂଜକ ହୃଷିକେଶ ମହାପାତ୍ର ବିବାହ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କନ୍ୟା ପିତା ସମାରୁ, ମାତା ରାଜକୁମାରୀ, ସମ୍ପର୍କୀୟ ସୁଧାକର ଭୋଇ, ପିଙ୍କୁ ପଧାନ, ନୀଳମଣି ଭୋଇ, ପ୍ରକାଶ ପଧାନ ଏବଂ ବରପକ୍ଷରୁ ବରପିତା ମୀନକେତନ ଓ ମାତା ସୁଷମା ସାହୁ, ସମ୍ପର୍କୀୟ ଉଦ୍ଧବ ସାହୁ, ନୀଳାଞ୍ଚଳ ସାହୁ, ବିନୋଦ ବିହାରୀ ସାହୁ, ପିଛାଲୁ ଭୋଇ, ଉପେନ୍ଦ୍ର ସାହୁ, ଶ୍ରୀପତି ସାହୁ ପ୍ରମୁଖ ଉପସ୍ଥିତ ରହି ନବ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ବିଜେଡି ଯୁବନେତା ସୁବ୍ରତ ସିଂ ଓ କାର୍ତ୍ତିକ ବାଗ ଉପସ୍ଥିତ ଥିଲେ ।

# ରାଉରକେଲା, ଭୁବନେଶ୍ୱର, ଦେବଗଡ଼ ବିଜୟୀ

## ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ

ସୋହେଲା,୬।୧୨(ଡି.ଏନ.ଏ)

ଓଡିଶା ଫୁଟବଲ ଆସୋସିଏଶନ ଦ୍ୱାରା ଆୟୋଜିତ ୬୦ତମ ଆନ୍ତଃ ଜିଲା ସାହାଣୀ କପ ଫୁଟବଲ ପ୍ରତିଯୋଗିତାରେ ଶୁକ୍ରବାର ପାରାଦୀପ ଓ ରାଉରକେଲା ମଧ୍ୟରେ ଏକ ସଂଘର୍ଷପୂର୍ଣ ମ୍ୟାଚ୍ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୨-୨ ଗୋଲରେ ରହିବାରୁ ଟାଇବ୍ରେକରରେ ପାରାଦୀପ ଦଳକୁ ୪-୩ ଗୋଲରେ ହରାଇ ରାଉରକେଲା ଦଳ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏହି ପ୍ରତିଯୋଗିତାର ଚତୁର୍ଥ ମ୍ୟାଚର ପ୍ରାରମ୍ଭରୁ ଉଭୟ ଦଳର ଖେଳାଳିମାନେ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରିଥିଲେ। ପ୍ରଥମାର୍ଦ୍ଧ ଖେଳର ୧୧ତମ ମିନିଟରେ ରାଉରକେଲା ଦଳର ଅର୍ପଣ ଲାକ୍ରା ପ୍ରଥମ ଗୋଲ କରିଥିଲେ । ୩୭ ତମ ମିନିଟରେ ରାଉରକେଲା ଦଳର ସୁଶୀଲ ଟପୋ ଗୋଲ କରି ଦଳକୁ ୨-୦ ଗୋଲରେ ଆଗୁଆ କରିଥିଲେ । ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ରାଉରକେଲା ଦଳ ୨-୦ ଗୋଲରେ ଆଗୁଆ ରହିଥିଲା । ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧ ଖେଳରେ ପାରାଦୀପ ଦଳର ଖେଳାଳିମାନେ ଅଧିକ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଦ୍ୱିତୀୟାର୍ଦ୍ଧ ଖେଳର ୬୦ତମ ମିନିଟରେ ଦଳର ପ୍ରିୟରଞ୍ଜନ ଦାସ ଗୋଟିଏ ଗୋଲ କରିଥିଲେ । ଏହାପରେ ପାରାଦୀପର ଖେଳାଳିମାନେ ଗୋଲ ପରିଶୋଧ କରିବାର ଅନେକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ମ୍ୟାଚର ଅନ୍ତିମ କ୍ଷଣ ୯୨ତମ ମିନିଟରେ ରାଜେଶ କୁମାର ମୁର୍ମୁ ଗୋଟିଏ ଗୋଲ କରି ମ୍ୟାଚକୁ ୨-୨ ଗୋଲରେ ସମାପ୍ତ କରିଥିଲେ । ଏହାପରେ ଟାଇବ୍ରେକରରେ ରାଉରକେଲା ଦଳ ପାରାଦୀପ ଦଳକୁ ୪-୩ ଗୋଲ ବ୍ୟବଧାନରେ ହରାଇଥିଲା । ସୋହେଲା ବିଡିଓ ବିଶ୍ୱରଞ୍ଜନ କର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚକୁ ରେଫରୀ ରମଣୀ ମାଝୀ ପରିଚାଳନା କରିଥିବା ବେଳେ ବିପୁଳ ବିଦ୍ୟାଧର ଓ ଆଶୀର୍ବାଦ କାନୁନଗୋ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଶୁଭମ ପାତ୍ର ଏବଂ ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାଏକ ଦାୟିତ୍ୱରେ ରହିଥିଲେ ।

**ବରପାଲି,(ଡି.ଏନ.ଏ):** ବରପାଲି ବ୍ଲକ କଦଳୀପାଲି ଫୁଟବଲ ପଡିଆରେ ଚାଲିଥିବା ୬୦ତମ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଚତୁର୍ଥ ଦିବସ ଖେଳ କଳାହାଣ୍ଡି ଓ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ଦଳ ୩-୧ ଗୋଲରେ ବିଜୟୀ ହୋଇଥିଲେ। ଖେଳକୁ ବିଭୁତି ଭୂଷଣ ବେହେରା, ନିରଞ୍ଜନ ମହାକୁର, ପ୍ରଶାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ରବି ମହାପାତ୍ର ପର୍ଯ୍ୟବେକ୍ଷକ ଭାବେ ସାମିଲ ରହିଥିଲେ। ଏହି ଅବସରରେ ଇଂ. ପ୍ରଭାସ କୁମାର ରଥ ମୁଖ୍ୟଅତିଥି ଓ ଅନ୍ୟତମ ଅତିଥି ଭାବେ କେନାଲ ବିଡିଓ ଉମେଶ ଚନ୍ଦ୍ର ସେଠୀ, ବିନୋଦ ଅଗ୍ରୱାଲ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

**ଭେଡ଼େନ,(ଡ଼ି.ଏନ.ଏ):** ଭେଡ଼େନ ରଣଜିତା ଷ୍ଟାଡ଼ିୟମରେ ଚାଲିଥିବା ୬୦ ତମ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ମ୍ୟାଚରେ ଦେବଗଡ଼ ଦଳ ବିଜୟୀ ହୋଇ ଭେଡ଼େନ ଜୋନ ଫାଇନାଲକୁ ପ୍ରବେଶ କରିଛି। ଖୋର୍ଦ୍ଧା ଏବଂ ଦେବଗଡ଼ ମଧ୍ୟରେ ହୋଇଥିବା ଏହି ମ୍ୟାଚରେ ଦେବଗଡ଼ ଦଳ ୩-୧ ଗୋଲ ବ୍ୟବଧାନରେ ବିଜୟୀ ହୋଇ ଏହି ସଫଳତା ହାସଲ କରିଛି। ଖେଳକୁ ରେଫରୀ ଉତ୍କଳମଣି ବେହେରା, ସଫିକୁଲ ଖାଁ, ଗୋପାଳ ନାଏକ ପରିଚାଳନା କରିଥିବା ବେଳେ ଦେବରାଜ ନାହାକ ଚତୁର୍ଥ ରେଫରି ଦାୟିତ୍ୱ ତୁଲାଇଥିଲେ । ଏହି ମ୍ୟାଚରେ ସଞ୍ଜୟ କୁମାର ଜେନା ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ। ଭାଜପା ବରଗଡ଼ ଜିଲା ଉପସଭାପତି କୁଶ କୁମ୍ଭାର ଅତିଥି ଭାବେ ଯୋଗଦାନ କରିଥିଲେ। ଶନିବାର ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲା ଏକାଦଶ ମଧରେ ମ୍ୟାଚ୍ ହେବ।



ଶୁକ୍ରବାର ମ୍ୟାଚ୍‌ର ଅତିଥି ଏବଂ ଖେଳାଳିମାନେ ।



ଭୁବନେଶ୍ୱର ଓ କଳାହାଣ୍ଡି ଦଳର ଖେଳାଳିଙ୍କ ସହ ଅତିଥିବୃନ୍ଦ ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ରାସ୍ତାକଡ଼କୁ ଖସିଲା ଅଟୋ, ୧୨ ଆହତ

**ଉଲୁଣ୍ଡା,୬।୧୨(ଡି.ଏନ.ଏ.):** ଶୁକ୍ରବାର ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତା ଉଲୁଣ୍ଡା ବ୍ଲକ ମେଟାକାନୀ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ଏକ ଅଟୋ ରାସ୍ତାକଡକୁ ଓଲଟି ପଡିଛି। ଫଳରେ ଅଟୋରେ ଯାତ୍ରା କରୁଥିବା ୩ ଜଣ ଶିଶୁ, ୪ ଜଣ ମହିଳାଙ୍କ ସମେତ ସମୁଦାୟ୧୨ ଜଣ ଆହତ ହୋଇଥିବା ବେଳେ ୩ ଜଣ ଗୁରୁତର ଅଛନ୍ତି। ପ୍ରାପ୍ତ ସୂଚନାମତେ ଭେଡେନ ଥାନା ଇଚ୍ଛାପୁର ଗ୍ରାମରୁ ଏକ ବୈବାହିକ କାର୍ଯ୍ୟକ୍ରମରେ ସାମିଲ ହୋଇ କ୍ଷେମାଲୋଏ ଗ୍ରାମରୁ ଅଟୋ (ନଂ. ଓଡି୧୫କେ-୯୯୬୩)ରେ ଫେରିବା ବେଳେ ଉକ୍ତ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ଉଲୁଣ୍ଡା ଦମକଳ ବାହିନୀ ଏବଂ ୧୦୮ ଆମ୍ବୁଲାନ୍ସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରାଯାଇ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ସମେତ ୩ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ପଠାଇ ଦିଆଯାଇଛି। ଦୁର୍ଘଟଣାଗ୍ରସ୍ତ ଅଟୋକୁ ଉଲୁଣ୍ଡା ପୋଲିସ ଜବତ କରିଥିବା ବେଳେ ତଦନ୍ତ ଚାଲିଥିବା ଆଇଆଇସି ବିଦ୍ୟୁଭୂଷଣ ପୁଟା ସୂଚନା ଦେଇଛନ୍ତି ।



### ଉପରଝରରେ ଧାନ ଖରି ଉଜାଡ଼ିଦେଲେ ହାତୀପଲ

**ଦେଓଗାଁ,୬।୧୨(ଡି.ଏନ.ଏ.):** ଦେଓଗାଁ ବ୍ଲକ ଅନ୍ତର୍ଗତ ଉପରଝରର ପଞ୍ଚାୟତରେ କିଛି ଦିନ ହେଲା ହାତୀ ଉପଦ୍ରବ ଲାଗି ରହିଛି। ଏଣୁ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି। ହାତୀ ଘଉଡାଇବାରେ ବନ ବିଭାଗ ବିଫଳ ହେବାରୁ ଉପରଝର ଓ ମକୁନ୍ଦପୁର ପଞ୍ଚାୟତ ବାସୀଙ୍କ ମଧ୍ୟରେ ଆସନ୍ତୋଷ ଦେଖା ଦେଇଛି। ତେବେ ଉପରଝରର ନରେଶ ସାହୁଙ୍କ ଖଳାରେ ଥିବା ୩ ଏକର ପରିମିତ ଜମିର ଧାନକୁ ଗୁରୁବାର ରାତିରେ ୧୦/୧୨ଟି ହାତୀ ଉଜାଡି ଦେଇଛନ୍ତି। ଏ ନେଇ ଜିଲା ବନ ଅଧିକାରୀ ସମୀର କୁମାର ଶତପଥୀ କହିଛନ୍ତି ଯେ, ଶୁକ୍ରବାର ଖବର ପାଇ ଡ୍ରୋନ କ୍ୟାମେରାରେ ହାତୀଙ୍କ ଗତିବିଧି ଅନୁଧ୍ୟାନ କରାଯାଇଛି। ହେଲେ ସ୍ପଷ୍ଟ ଜଣାପଡିନାହିଁ। ଏକର ପ୍ରତି ସର୍ବାଧିକ ୧୦ ହଜାର ଟଙ୍କା କ୍ଷତିପୂରଣ ବାବଦକୁ ସହାୟତା ରାଶି ଦେବାର ସରକାରୀ ବ୍ୟବସ୍ଥା ରହିଛି। ଏଣୁ ତଦନ୍ତ କରି ସହାୟତା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

### ସ୍ମରଣିକା ଶାକ୍ତଶ୍ରୀର ସମ୍ପାଦନା ମଣ୍ଡଳୀର ବୈଠକ

**ସୋନପୁର,୬।୧୨(ନି.ପ୍ର.):** ଜାନୁୟାରୀ ୭ ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସୁବର୍ଣ୍ଣ ଲୋକ ମହୋତ୍ସବ ନିମନ୍ତେ ପ୍ରକାଶିତ ହେବ ସ୍ମରଣିକା ଶାକ୍ତଶ୍ରୀ। ଏଥିପାଇଁ ସମ୍ପାଦନା ମଣ୍ଡଳୀର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ହରପ୍ରସାଦ ରଥଙ୍କ ଆବାହକତ୍ୱରେ ସ୍ଥାନୀୟ ମହାରାଜା ହାଇସ୍କୁଲରେ ଅନୁଷ୍ଠିତ ବୈଠକରେ ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା। ସର୍ବସମ୍ମତ ସିଦ୍ଧାନ୍ତ ନିଆଯାଇଥିଲା। ଚଳିତବର୍ଷ ଜିଲା ତଥା ପଶ୍ଚିମ ଓଡିଶାର ସଂସ୍କୃତି, ଲୋକ ସଂସ୍କୃତି, ସାହିତ୍ୟ, ଇତିହାସ ବିଷୟରେ ପ୍ରବନ୍ଧଗୁଡିକ ପ୍ରକାଶିତ ହେବ ବୋଲି ସ୍ଥିର କରାଯାଇଥିଲା। ଅନୁପାତକ୍ରମରେ ଜିଲାର ବିଷୟକୁ ନେଇ ଷାଠିଏ ପ୍ରତିଶତ ଓ ପଶ୍ଚିମ ଓଡିଶାର ଚାଳିଶ ପ୍ରତିଶତ ପ୍ରବନ୍ଧ ରହିବ ବୋଲି ସ୍ଥିର ହୋଇଛି। ବୈଠକରେ ସମ୍ପାଦନା ମଣ୍ଡଳୀ ସମ୍ପାଦକ ବ୍ରଜମୋହନ ଦାନି, ଡ. ପୁରୁଷୋତ୍ତମ ମିଶ୍ର, ସଞ୍ଜୀବ କୁମାର ନାୟକ, ସୌରଭ ରଞ୍ଜନ ଖମାରୀ ଓ ଐତିହାସିକ ସୁଦାମ ନାଏକ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ।

### ୨୭୪ ମାମଲା ଫାଇସଲା, ୧୭ ଜଣଙ୍କୁ ଡାକ ଯୋଗେ ପଟ୍ଟା ପଠାଗଲା

**ଲୋଇସିଂହା,୬।୧୨(ଡି.ଏନ.ଏ.):** ଆଗଲପୁର ତହସିଲ ପ୍ରାଙ୍ଗଣରେ ଶୁକ୍ରବାର ମ୍ୟୁଟେଶନ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟ୍ଟା ସଂକ୍ରାନ୍ତ ୨୭୪ ମାମଲା ଫାଇସଲା ହୋଇ ୧୭ ଜଣଙ୍କୁ ଡାକ ଯୋଗେ ପଟ୍ଟା ପଠାଇଯାଇଛି। ତହସିଲଦାର ବିନୋଦ କୁମାର ନାଏକ, ଆରଆଇ ହାଡୁ ସାହୁ, ରେକର୍ଡକିପର ବିକାଶ ଭୋଇଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ। ସୂଚନାମତେ, ଆଗଲପୁର ତହସିଲ ଆଗଲପୁର ଆଇର ଆଇ ସର୍କଲ ଅଧୀନ ଆଗଲପୁର, ରୋତ, ରିନବଚନ, ରଙ୍ଗଡୁହି, ଛେଲଖାଇ, ବାଗଝୁଲା ଇଂସା ଓ ଗୁଡିମୁହାଣ ଗ୍ରାମର ଭୂମିହୀନ ଲୋକେ ଘରଡିହ ପାଇଁ ତହସିଲ ନିକଟରେ ଦେଢ ବର୍ଷ ତଳେ ଆବେଦନ କରିଥିଲେ।

ସୁବର୍ଣ୍ଣପୁରରେ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ପାଳିତ

# ଗୃହରକ୍ଷୀ ବାହିନୀ ପୋଲିସର ଅଭିନ୍ନ ଅଙ୍ଗ

**ସୋନପୁର,୬।୧୨(ନି.ପ୍ର.)**



ଏସ୍‌ପି ଦେବୀପ୍ରସାଦ ଦାଶ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ।

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ଲାଇନ ପଡିଆରେ ୫୭ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏସ୍‌ପି ଦେବୀପ୍ରସାଦ ଦାଶ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୋଲିସ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିଭାଦନ ଗ୍ରହଣ କରିଥିଲେ। ଏସ୍‌ପି ତାଙ୍କ ବକ୍ତବ୍ୟରେ ଗୃହରକ୍ଷୀ ବାହିନୀ ପୋଲିସର ଅଭିନ୍ନ ଅଙ୍ଗ। ପ୍ରାକୃତିକ ବିପର୍ଯ୍ୟୟରେ ସେବାମୂଳକ କାର୍ଯ୍ୟଠାରୁ ଆରମ୍ଭ କରି, ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଓ ଦଙ୍ଗା ପ୍ରଭୃତି ରୋକିବାରେ ଗୃହରକ୍ଷୀଙ୍କ କାର୍ଯ୍ୟ ପ୍ରଶଂସନୀୟ । ଚୀନର ଆକ୍ରମଣ ସମୟରେ ପୋଲିସକୁ ସହଯୋଗ କରିବା ପାଇଁ ୧୯୬୨ ଡିସେମ୍ବର ୬ ତାରିଖରେ ଗୃହରକ୍ଷୀ ବାହିନୀ ଭଳି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିକଳ୍ପନା କରାଯାଇଥିଲା ବୋଲି ଏସ୍‌ପି କହିଥିଲେ। ଏହି ଅବସରରେ ଦେଶମାତୃକାର ସେବା କରି ଶହୀଦ ଗୃହରକ୍ଷୀଙ୍କ ପ୍ରତି ଦାଶ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗୃହରକ୍ଷୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତାକୁ ଏସ୍‌ପି ଦାଶ ପାଠ କରି ଶୁଣାଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ, ଅବସରପ୍ରାପ୍ତ ପୋଲିସ କମାଣ୍ଡାଣ୍ଟ ଉମେଶ ଚନ୍ଦ୍ର ଦାନୀ, ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ଡିଏସପି ଆନନ୍ଦ ବର୍ଦ୍ଧନ ଗୁରୁ, ମୁଜିବୁର ରେହମାନ, ମନୋରଞ୍ଜନ ପ୍ରଧାନ, ସୋନପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା, ବୀରମହାରାଜପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର, ସୋନପୁର ଆଇଆଇସି ଲୋକେଶ ସାହୁ, ବୀରମହାରାଜପୁର ଆଇଆଇସି ପ୍ରଭା ଧନ, ରିଜର୍ଭ ଇନିସପେକ୍ଟର ଅମରେନ୍ଦ୍ର ପାଣିଗ୍ରାହୀ, ଚନ୍ଦ୍ରମୋହନ ସିଂ, ସର୍ଜେଣ୍ଟ ବିଶ୍ୱନାଥ ଜେନା, ଜିଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ନନ୍ଦ, ବରିଷ୍ଠ ନାଗରିକ ବ୍ରଜମୋହନ ଦାନୀ ଓ ବିଧାନ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

କାର ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା

# ଯାତ୍ରୀ ବିଶ୍ରାମାଗାରକୁ ଧକ୍କା, ୫ ଗୁରୁତର

**ସୋନପୁର,୬।୧୨(ନି.ପ୍ର.)**



ଦୁର୍ଘଟଣା ଗ୍ରସ୍ତ କାର ।

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ସୋନପୁର ଥାନା ଅନ୍ତର୍ଗତ ବୁରୋମୁଣ୍ଡା(କଦମ୍ବତଳ ଛକ)ରେ ଶୁକ୍ରବାର ଭୋରେ ଏକ ସଡକ ଦୁର୍ଘଟଣା ଘଟିଛି । ମାରୁତି କାର ରାସ୍ତା ପାର୍ଶ୍ୱରେ ଥିବା ଯାତ୍ରୀ ବିଶ୍ରାମ ଗାରକୁ ଧକ୍କା ଦେଇ ଭାଙ୍ଗି ଦେଇଛି। ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଛି । କାର (ନଂ.ଓଆର୦୨ଏକ୍ସ-୧୦୬୧)ରେ ବସି ଥିବା ୫ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନେ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳର ଯଶୋବନ୍ତ ବେହେରା (୩୬), ଲମ୍ବୋଦର ସାହୁ(୩୧), ଦିଲୀପ ସାହୁ (୫୨), ଲଳିତ କୁମାର ପ୍ରଧାନ(୪୬) ଓ ତ୍ରିବେଦୀ ସାହୁ(୨୭)। ପ୍ରଥମେ ଆହତଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସମସ୍ତଙ୍କୁ କଟକ ଏସସିବିକୁ ସ୍ଥାନାନ୍ତର କରାଯାଇଛି। ଛେଣ୍ଡିପଦା ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତିମାନେ କୋରାପୁଟ ଜିଲା ଗୁପ୍ତେଶ୍ୱର ଶୈବ ପୀଠକୁ ଦର୍ଶନ ପାଇଁ ଯାଇଥିଲେ। ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଛି। ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରି ତଦନ୍ତ ଚଳାଇଛି ।





ମୁଖ୍ୟଅତିଥି ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ସୋନପୁର,୬।୧୨(ନି.ପ୍ର.)**

ସୋନପୁର ବିଜୁ ପଟ୍ଟନାୟକ ମହିଳା ସ୍ନାତକ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷା ବୈଜୟନ୍ତୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସୋନପୁର ରାଜ କଲେଜ ଅଧ୍ୟକ୍ଷ ତରୁଣ କୁମାର ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ନାରୀମାନଙ୍କ ସୁରକ୍ଷା ବର୍ତ୍ତମାନ ସମୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ କଲେଜ ସମସ୍ତ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ନେବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାଧୀନ ମେହେର ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ବିଶ୍ୱାସୀ ହେବା ପାଇଁ କହିଥିଲେ। ଅଧ୍ୟାପକ ମଦନ ସୁନ୍ଦର ଖେତି ସଭାକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଶିବିରରେ ୬୦ ଜଣ ଛାତ୍ରୀ ତାଲିମ ନେଇଥିଲେ। ଶିବିରକୁ ପରିଚାଳନା କରିଥିଲେ କ୍ରୀଡା ଶିକ୍ଷିକା ପ୍ରଭାସିନୀ ରଥ । ତାଲିମ ପ୍ରଦାନ କରୁଥିଲେ ମାଷ୍ଟର ଟ୍ରେନର ନିବେଦିତା ମିଶ୍ର । ଶିବିରରେ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

### ୧୭ରେ ମୁରିବାହାଲ ବ୍ଲକସ୍ତରୀୟ ଲୋକ ମହୋତ୍ସବ

**ମୁରିବାହାଲ, ୬।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଲୋକ ମହୋତ୍ସବ ଆସନ୍ତା ୧୭ ତାରିଖ ପାଳନ କରାଯିବ। ଏଥିପାଇଁ ବ୍ଲକ ସଭାଗୃହଠାରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ଶିପକ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ଉପାଧ୍ୟକ୍ଷ ସୁନ୍ଦରମତୀ ବାଗ, ଶ୍ରୀବତ୍ସ ବେହେରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ବେହେରା, ସରପଞ୍ଚ ସଂଘର ସଭାପତି ଗୋପିନାଥ ପାଣିଗ୍ରାହୀ, ଖବରଦାତା ସଂଘର ସଭାପତି ଭଗବାନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ତ୍ରିଲୋଚନ ବାଗ, ମଧୁସୂଦନ ମହାନନ୍ଦ, କୈଷ୍ୟପ ସରାଫ, ଯୁଧିଷ୍ଠିର ଭରାମଗରିଆ, ବନବିହାରୀ ଯୋଗୀ, ଅଗସ୍ତି ବଘାର, ଗଙ୍ଗାଧର ହେର୍ଣ୍ଣା ପ୍ରମୁଖ ସହଯୋଗ କରିଥିବା ବେଳେ ଗ୍ରାମ ପଞ୍ଚାୟତ ଅଧିକାରୀ ନିଳକଣ୍ଠ କାଳସାଏ ସଂଯୋଜନା କରିଥିଲେ।

## ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ: ଜାଲୋଏ ଚାମ୍ପିୟନ

**ଉଲୁଣ୍ଡା,୬।୧୨(ଡି.ଏନ.ଏ.)**



ଚାମ୍ପିୟନ ଜାଲୋଏ ଦଳକୁ ପୁରସ୍କାର ପ୍ରଦାନ କରାଯାଉଛି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଜାଲୋଏ ପଞ୍ଚାୟତ ଦଳ ଉଲୁଣ୍ଡା ପଞ୍ଚାୟତ ଦଳକୁ ୫ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଟସ ଜିଣି ପ୍ରଥମେ ବ୍ୟାଟିଂ କରି ଉଲୁଣ୍ଡା ଦଳ ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟରେ ୪୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପଞ୍ଚାନନ ସେଠ ସର୍ବାଧିକ ୧୮ ରନ ସଂଗ୍ରହ କରିଥିଲେ। ଜବାବରେ ଜାଲୋଏ ଦଳ ୪୧ ରନର ବିଜୟ ଲକ୍ଷ୍ୟକୁ ୫ ଓଭରରେ ହାସଲ କରିନେଇଥିଲେ। ଦଳର ବିଶ୍ୱଜିତ କୁମ୍ଭାର ସର୍ବାଧିକ ୨୦ ରନ କରିଥିଲେ। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଉଲୁଣ୍ଡା ଦଳ କୋଟସମଲାଇକୁ ଏବଂ ଦ୍ୱିତୀୟ ସେମିରେ ଜାଲୋଏ ଦଳ ବିଶିପଡାକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ଖେଳକୁ ସୁଶାନ୍ତ ସେଠ ଓ ଦୀପକ ନାରାୟଣ ପାଣିଗ୍ରାହୀ ପରିଚାଳନା କରିଥିଲେ। ସୁଭମ ପଣ୍ଡା ସ୍କୋରିଂ କରିଥିବା ବେଳେ ଦିନେଶ ଘିବିଲା ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜକ ସଭାପତି ଅଭିଲାଶ ନାୟକ ଓ ସମ୍ପାଦକ ବିକାଶ ଥନାପତିଙ୍କ ସଂଯୋଜନାରେ ପୁରସ୍କାର ବିତରଣି ଉତ୍ସବରେ ଅତିଥି ଭାବେ ବ୍ଲକ କ୍ରିଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ, ବିସିଏ ଉଲୁଣ୍ଡା ସଭାପତି ସୁଜିତ କୁମାର ପଣ୍ଡା ଯୋଗଦେଇ ବିଜୟୀ ଜାଲୋଏ ଦଳକୁ ୫ ହଜାର ଏବଂ ଉପବିଜେତା ଉଲୁଣ୍ଡା ଦଳକୁ ୩ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ବ୍ଲକର ୧୨ଟି ପଞ୍ଚାୟତ ଦଳ ଅଂଶଗ୍ରହଣ କରିଥିଲେ।



ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ ପାଇଁ ବାହାରିଥିବା ଶୋଭଯାତ୍ରା ।

## ଦିଗସିରା ଆଞ୍ଚଳିକ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ଡୁଙ୍ଗୁରିପାଲି,୬।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗସିରା ଗ୍ରାମରେ ଆସନ୍ତା ୨୪ରୁ ଜାନୁୟାରୀ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୧୨ ବର୍ଷ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପାଇଁ ଶୁକ୍ରବାର ଶୁଭସ୍ଥମ୍ଭ ସ୍ଥାପନ କରାଯାଇଛି। ଦିଗସିରା ଗ୍ରାମବାସୀ ଓ ଧନୁଯାତ୍ରା କମିଟି ସଦସ୍ୟମାନେ ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଧନୁଯାତ୍ରା ପଡିଆକୁ ଆସିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଚଳିତବର୍ଷ ଧନୁଯାତ୍ରାରେ କଂସ ଭୂମିକା ପାଇଁ ବରଗଡ ଜିଲା ଦେଓଗାଁର ଜଗଦାନନ୍ଦ ମିଶ୍ରଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ଏହି ଅବସରରେ ଯାତ୍ରା କମିଟି ସଭାପତି ତଥା ସରପଞ୍ଚ ଲବ ମେହେରଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଯାତ୍ରା ପଡିଆକୁ ମଥୁରା ନଗରୀ ଓ ଉତ୍କଳମଣି ଗୋପବନ୍ଧୁ ଯୁବକ ସଂଘ ଗଡତିଆ ପଡାକୁ ଗୋପପୁର ଭାବେ ରଖାଯାଇଛି। ଯାତ୍ରା କମିଟି ସମିତି ସଭ୍ୟ ସୁରୁବାବୁ ମେହେର, ସହଦେବ ପଧାନ, ଆନନ୍ଦ ସାହୁ, ଦୁଖୁ ବାରିକ, ବ୍ରଜ ସାଗର, ସୁଦାମ ସୁନା, ଗଣେଶ ମେହେର, ଦିଆଲି ପୁଟେଲ, ମହେଶର ଭୁକ୍ତା, ଚୁଡାମଣି ପୁଟେଲ ପ୍ରମୁଖ କମିଟି ସମସ୍ତ ସଦସ୍ୟଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଦୀନବନ୍ଧୁ ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ଧନୁଯାତ୍ରାରେ ଦିଆଯାଇଥିବା ଦାୟିତ୍ୱକୁ ଠିକ ଭାବେ ତୁଲାଇବା ପାଇଁ କମିଟି ତଥା ଗ୍ରାମବାସୀଙ୍କୁ ଅନୁରୋଧ କରି ସମସ୍ତଙ୍କ ସହେଯାଗ କାମନା କରାଯାଇଛି।

## ବଲିପାଲିରେ ବିଶ୍ୱାସ କାର୍ଯ୍ୟକ୍ରମର ଉତ୍ତମ ସ୍ୱାସ୍ଥ୍ୟ ଉତ୍ସାହିତ ଦିବସ

**ଅମରପାଲି,୬।୧୨(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେଞ୍ଜିରିଆପାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅନ୍ତର୍ଗତ ବଲିପାଲି ଗ୍ରାମରେ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ବିଶ୍ୱାସ କାର୍ଯ୍ୟକ୍ରମର ଅଷ୍ଟମ ଦିବସ ଉତ୍ତମ ସ୍ୱାସ୍ଥ୍ୟ ଓ ଜୀବନ ଶୈଳୀ ଉତ୍ସାହିତ ଦିବସ ପାଳିତ ହୋଇଯାଇଛି। ସମିତି ସଭାପତି କନ୍ହେଇ ପଟ୍ଟନିଆଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷକ ସିଦ୍ଧାର୍ଥ ଭୋଇ ମୁଖ୍ୟଅତିଥି ଓ ଗାଁ ସ୍ୱାସ୍ଥ୍ୟ ସମିକ୍ଷା ସଂଯୋଜକ ଅକୃର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଏହି ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଯାଇଥିଲା । ଉତ୍ତମ ସ୍ୱାସ୍ଥ୍ୟ ଓ ଜୀବନ ଶୈଳୀର ବିଭିନ୍ନ ଉପାୟ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ମହିଳାଙ୍କୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବିଦୁ ଭୁକ୍ତା ପ୍ରଥମ, ଅନୁପମା ଜାଲ ଦ୍ୱିତୀୟ ଓ ନିରୁପମା ପଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଙ୍ଗନୱାଡି କର୍ମୀ ପାର୍ବତୀ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା ।

ବାବା ସାହେବ ଆମ୍ବେଡକରଙ୍କ ତିରୋଧାନ ଦିବସ ପାଳିତ

## ଶିକ୍ଷିତ, ସଙ୍ଗଠିତ ହୋଇ ସଂଘର୍ଷ ଜାରିରଖ

**ଅମରପାଲି,୬।୧୨(ଡି.ଏନ.ଏ.)**



ବୀରମହାରାଜପୁରରେ ଆମ୍ବେଡକରଙ୍କ ତିରୋଧାନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଆମ୍ବେଡକର ସେବା ସଂଘ ପରିସରରେ ବାବା ସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ୬୪ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ସଂଘ ସଭାପତି ଇଂ. ଆଶ୍ରୟ ମହାନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ଶ୍ରୀଧର ବାଘ ମୁଖ୍ୟଅତିଥି, ସୁଧାଂଶୁ ହରିପାଲ ମୁଖ୍ୟବକ୍ତା ଓ ସ୍ୱେଚ୍ଛାସେବୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆମ୍ବେଡକରଙ୍କ ଛାତ୍ର ଜୀବନର ସଂଘର୍ଷ, ସମ୍ବିଧାନ ପ୍ରଣୟନରେ ତାଙ୍କର ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଆମ୍ବେଡକରଙ୍କ ମହତବାଣୀ ଶିକ୍ଷିତ ହୁଅ, ସଙ୍ଗଠିତ ହୁଅ, ସଂଘର୍ଷ ଜାରି ରଖ ବୋଲି ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ରାଜକିଶୋର ଭୋଇଓ ଗୌରାଙ୍ଗ ଜଗଦଲା, ଘନଶ୍ୟାମ ଭୋଇ ପ୍ରମୁଖ ଆମ୍ବେଡକରଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ଓ କୁଇଜ ପ୍ରତିଯୋଗିତା ହୋଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗଦାଧର ବାଦୀ ଓ ରାଜକୁମାର ବାଦୀ ସଭା ପରିଚାଳନା କରିଥିବା ବେଳେ କରୁଣାକର ମହାନନ୍ଦ, ମଦନ ସୁନ୍ଦର ଜଗଦଲା, ସୁରେଶ, ଶମ୍ଭୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।

- ରବର୍ଟ ବର୍ଟନ



## ସଂକ୍ଷେପରେ

### ଶକ୍ତି, ଶିଳ୍ପ ମନ୍ତ୍ରୀ, ଜିଲାପାଳଙ୍କ ଚୁରାପାହାଡ଼ ପରିଦର୍ଶନ

**ଭବାନୀପାଟଣା, ୬।୧୨(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକସ୍ଥିତ ଫରଙ୍ଗ ପଞ୍ଚାୟତ ନିକଟସ୍ଥ ଚୁରା ପାହାଡକୁ ଗୁରୁବାର ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ପରିଦର୍ଶନରେ ଯାଇଥିଲେ। ସେମାନେ ସେଠାରେ ଥିବା ଶିବ ମନ୍ଦିର, ହନୁମାନ ମନ୍ଦିର, କର୍ଲାଗୁଡା ରାମ ମନ୍ଦିର ମଧ ପରିଦର୍ଶନ କରିଥିଲେ। ସ୍ଥାନୀୟ ଲୋକେ ପାହାଡର ସୁରକ୍ଷା ତଥା ଅଞ୍ଚଳର ସମସ୍ୟା ନେଇ ମନ୍ତ୍ରୀ ଓ ଜିଲାପାଳଙ୍କଠାରେ ଦାବି ଉପସ୍ଥାପନ କରିଥିଲେ। ଆଲୋଚନାରେ ଧାମନପୁର ସମିତି ସଭ୍ୟ ଇଂ. ଦୀନେଶ କୁମାର ରାଉତ, ସମାଜସେବୀ ପଙ୍କଜ ରାଉତ, ସନ୍ତୋଷ ବୁଢ଼ିଆ, ଉପେନ୍ଦ୍ର ମିଶ୍ର, ଦିନୁ ବଗର୍ତ୍ତି, ଅନନ୍ତ ପାତ୍ର, ଗଣେଶ ଚନ୍ଦ୍ର ନାଇକ, ପ୍ରମୋଦ ପଧାନ, ରଞ୍ଜନ ସାହୁ, ବନବାସ ସୁନାନୀ ପ୍ରମୁଖ ସାମିଲ ଥିଲେ।



### ବ୍ୟଙ୍ଗକବି ପ୍ରଶାନ୍ତ ମିଶ୍ରଙ୍କ ଦେହାନ୍ତ

**ଭବାନୀପାଟଣା,୬।୧୨(ଡି.ଏନ.ଏ.)-** କଳାହାଣ୍ଡିର ବିଶିଷ୍ଟ ବ୍ୟଙ୍ଗକବି ପ୍ରଶାନ୍ତ ମିଶ୍ରଙ୍କ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ମିଶ୍ର ଉପସହକାରୀ ମହାସମୀକ୍ଷକ ଭାବେ କଳାହାଣ୍ଡି ଜିଲାରେ କାର୍ଯ୍ୟକରି ଆସୁଥିଲେ। ଜଣେ ମିଷ୍ଟଭାଷୀ ଓ କର୍ତ୍ତବ୍ୟ ପରାୟଣ ବ୍ୟକ୍ତି ଭାବେ ସେ ବନ୍ଧୁ ମହଲରେ ପରିଚିତ ଥିଲେ। ତାଙ୍କ ଏହି ଅକାଳ ବିୟୋଗରେ ଏକ ଶୋକସଭା କରାଯିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକ ସଭାରେ ଉମେଶ ଚନ୍ଦ୍ର ପଣ୍ଡା, ଗୋପାଳ ଚନ୍ଦ୍ର ସାହୁ, ବିଶ୍ୱମୋହନ ରଥ, ଉମେଶ ଚନ୍ଦ୍ର ସିଂହ, ସୁଶାନ୍ତ କୁମାର ମିଶ୍ର, ବସନ୍ତ କୁମାର ନାଏକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତି ଚାରଣ କରିଥିଲେ।

ନାବାଳିକ୍ ଉପରେ ଭାଇବହେନ୍‌ର ବୋଝ୍ ଘଟନା

# ୭ ବଛରର ଉତାରୁ ପୁହୁଁଚିଲା ପରଶାସନ

**କେସିଙ୍ଗା, ୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଲଇତରା ପଁଚେତ୍ ଜୋଲକୋ ଗାଁ ଗଉଡ଼ପଡ଼ାର ୪ ମା'ବାପ୍ ଛେଉଁଡ୍ ଭାଇବହେନ୍ ଭୋଖ୍ ଉପାସରେ ଦିନ୍ ବିତଉଥିଲେ। ଇ ବାବ୍‌ଦେ ଗଲା ୪ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ବାପ୍ ଆରପାରେ, ମା' ନିଖୋଜ: ନାବାଲିକ୍ ଉପରେ ଭାଇବହେନ୍‌କଁର ବୋଝ୍' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଗୁରୁବାର ଥାନୀଅ ପରଶାସନ ମା'ବାପ୍ ଛେଉଁଡ୍ ଭାଇବହେନ୍‌କର ପାସେ ପୁହୁଁଚିଛେ। ସୂଚନା ଅନ୍‌ସାରେ ଜୋଲକୋ ଗାଁ ଗଉଡ଼ପଡ଼ାର ସୁନୀଲ ବାଗକଁର ୨୦୧୧ ସାଲେ ଟିବି ରୋଗ୍‌ରେ ମୁର୍‌ତୁ ହେଇଥିଲା। ସେ ମରବାର ବଛରକର ଉତାରୁ ତାକର ବିଧବା ମାଏକିନା ସତ୍ୟବତୀ ବି ନିଖୋଜ ହେଇଯାଇଥିଲେ।

ଧରିତ୍ରୀ ପ୍ରଭାବ



ଥାନୀଅ ସରପଁଚ୍ ଭାଇବହେନ୍‌କୁ ଚାଉଲ ଦେଉଛନ୍।

ଏନ୍‌ତାଥି ସ୍ୱର୍ଗତ ସୁନୀଲକଁର ବଡ଼ ଝି' ଝରଣାର ଉପରେ ଭାଇବହେନ୍‌ର ବୋଝ୍ ପଡ଼ିଥିଲା। ଆଏଜ୍‌କେ ୭ ବଛର ହେଲା ଝରଣା ପରହର କାମ୍‌ବୁତା କରି ୩ ଭାଇ ବହେନ୍ ସେତୁ (୧୨), ଚୈତୁ(୧୦) ଆର ସାନ ବହେନ୍ ଅପରାଜିତା(୯) ପେଟ୍ ପାଲିଆସୁଛନ୍। ହେଲେ ଝରଣାର ଦିହିପା ଖରାପ୍ ହେଲେ ଭାଇବହେନ୍ ସଭେ ଖାଡ଼ା ଉପାସରେ ରହୁଛନ୍। ସାନ୍ ବହେନ୍ ଗାଁ ସ୍କୁଲ ଆର ଦୁଇ ଭାଇ ଲଇତରା ପ୍ରାଥମିକ ସ୍କୁଲରେ ପଢୁଛନ୍। ସେମାନେ ବେଲାକେ ସ୍କୁଲରେ ଖାଉଥିଲାବେଲେ ଅଭାବ ଅନାଟନ ଲାଗି ବଡ଼ଭାଗି ଦିନ୍ ରାତିରେ ଭୁଖେ ଶୁଉଛନ୍। ଏନ୍‌ତାଥି କେଭେ କେନ୍‌ତା ପାଖିପଡ଼ିଶା ତାହାକୁ ଖାଏବାକେ ଦେଉଛନ୍। ଥାନୀଅ ଅଙ୍ଗନୱାଡି କେନ୍ଦ୍ରରେ ବି ଛୁଆମାନେ କେତେବେଲେ କେନ୍‌ତା ଖାଉଛନ୍। ଭାଇବହେନ୍‌କର ଦୁରଦଶା ଦେଖି ଥାନୀଅ ଅଙ୍ଗନୱାଡି କରମୀ ସେମାନକୁ କେସିଙ୍ଗା ବିଡିଓକଁର ପାସ୍‌କେ ଧରିକରି ଯାଇଥିଲେ। ଘଟନା ବାବ୍‌ଦେ ଉପଜିଲାପାଳକଁର ଦୁରୁଷ୍ଟି ଆକରଷନ୍ କରବାର ସଂଗେ ତାକଁର ମତାମତ ନେଇ ୪ ମା'ବାପ୍ ଛେଉଁଡ୍ ଭାଇବହେନ୍‌କର ଉପରେ ଧରିତ୍ରୀରେ ଖବର ବାହାରିଥିଲା। ଖବର ବାହାରଲାରୁ ଗୁରୁବାର ରାତି ୮ ବଜେ ପଁଚେତ୍ ତରଫୁ ୩୫ କେ.ଜି. ଆର ସିଡିପିଓ ୫୦ କେ.ଜି. ଚାଉଲ ସେମାନକୁ ଦେଇଥିଲେ। ଇ ବାବ୍‌ଦେ କେସିଙ୍ଗା ବିଡିଓ ଭୀମସେନ ଶବରଙ୍କୁଁ ପଚରାଲାରୁ ମା'ବାପ୍ ଛେଉଁଡ୍ ଭାଇବହେନ୍‌କୁ ବ୍ଲକ ପରଶାସନ ତରଫୁ ସବୁ ପରକାର ସାହାଯ୍ ଯୁଗେଇ ଦିଆଯିବା। ଅପରାଜିତାକୁଁ ପାସର କେହେନ୍‌ସି ଗୁଟେ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ଦାଖଲ କରେଇ ତାକର ପାଠ୍ ପଢ଼ବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।

# ଜିଲାପାଳଙ୍କ ଅଚାନକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

**ଭବାନୀପାଟଣା,୬।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ଗୁରୁବାର ସନ୍ଧ୍ୟାରେ ଅଚାନକ ଭବାନୀପାଟଣା ସହରସ୍ଥିତ ମୁଖ୍ୟ ଡାକ୍ତରଖାନା ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ରୋଗୀଙ୍କ ବିଭିନ୍ନ ସୁବିଧା ଅସୁବିଧା ବୁଝାରି ବୁଝିଥିଲେ। ଜିଲାପାଳ ନିରାମୟ ଯୋଜନାରେ ଲୋକେ ମାଗଣା ଔଷଧ ପାଉଛନ୍ତି କି ନାହିଁ ସେ ନେଇ ତଦାରଣ କରିବା ସହ ରୋଗୀମାନଙ୍କୁ ତାଙ୍କ ବିଭିନ୍ନ ସମସ୍ୟା ଉପରେ ପଚାରି ବୁଝିଥିଲେ। ଏଠାରେ ଲୋକଙ୍କ ନିମନ୍ତେ ଶୌଚାଳୟ ନିର୍ମାଣ, ଲଣ୍ଡ୍ରି ବ୍ୟବସ୍ଥା, ନୂତନ ରୋଷେଇ ଘର ନିର୍ମାଣ ଓ ଡାକ୍ତରଖାନା ସ୍ୱଚ୍ଛତା ଉପରେ ତଦାରଖ କରିଥିଲେ। ଡାକ୍ତରଖାନାକୁ ଜିଲାପାଳଙ୍କ ଅଚାନକ ପରିଦର୍ଶନ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଛନକା ପଶିଥିଲା। ମୋ ସରକାର ଲାଗୁ ହେବା ପରେ ୫-ଟି ସଚିବ ଭି. କାର୍ତ୍ତିକେୟ ପାଣ୍ଡିୟାନ ଡାକ୍ତରଖାନା ଓ ଆରଟିଓ କାର୍ଯ୍ୟାଳୟକୁ ଆସି ତଦାରଖ କରିଥିଲେ। ଗତ କିଛିଦିନ ତଳେ ଡାକ୍ତରଖାନା ଓ ଆରଟିଓ କାର୍ଯ୍ୟାଳୟରେ ଥିବା ଦଲାଲମାନଙ୍କୁ ଧରି କୋର୍ଟ ଚାଲାଣ କରାଯାଇଥିଲା।



ଜିଲାପାଳ ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନବେଳେ ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରୁଛନ୍ତି।

## ୫୭ତମ ହୋମଗାର୍ଡ ପ୍ରତିଷ୍ଠା ଦିବସ

**ଭବାନୀପାଟଣା, ୬।୧୨ (ଡି.ଏନ.ଏ.)**

ଜନସାଧାରଣ ଏବଂ ପୋଲିସ ବାହିନିଙ୍କ ସହ ସୁସମ୍ପର୍କ ସ୍ଥାପନ କରି ନିଜର ପ୍ରତିବଦ୍ଧତା ବଜାୟ ରଖିବା ପାଇଁ କାର୍ଯ୍ୟକରି ପାରିଲେ ହିଁ ଗୃହରକ୍ଷୀ ବାହିନି ଲୋକପ୍ରିୟତା ଅର୍ଜନ କରିବା ସହ ସମସ୍ତଙ୍କ ଆସ୍ଥାଭାଜନ ହୋଇ ପାରିବା । ଶୁକ୍ରବାର ୫୭ତମ ହୋମଗାର୍ଡ ପ୍ରତିଷ୍ଠା ଦିବସ ଉପଲକ୍ଷେ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆଠାରେ ଆୟୋଜିତ ପରେଡ୍ ଉତ୍ସବଠାରେ କଳାହାଣ୍ଡି ଜିଲା ଆରକ୍ଷୀ ଅଧୀକ୍ଷକ ବି. ଗଙ୍ଗାଧର ପ୍ରକାଶ କରିଛନ୍ତି। ହୋମଗାର୍ଡ କମାଣ୍ଡାଣ୍ଟ ହଲଧର ସରାଫଙ୍କ ନେତୃତ୍ୱରେ ଆୟୋଜିତ ପରେଡରେ କଳାହାଣ୍ଡି ଏସ୍‌ପି ବି. ଗଙ୍ଗାଧର ଅଭିବାଦନ ଗ୍ରହଣ କରିବା ପରେ ହୋମ୍‌ଗାର୍ଡ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆସିଥିବା ଉଚ୍ଚ ଅଧିକାରୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ। ପରେ କଳାହାଣ୍ଡି ଜିଲାରେ ନିଜର ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ନିମନ୍ତେ ହୋମ୍‌ଗାର୍ଡ ସୁଧୀର କୁମାର ଆଚାର୍ଯ୍ୟ, ଦୁର୍ଗା ପ୍ରସାଦ ସାହୁ ଓ ଜଳନ୍ଧର ମେହେରଙ୍କୁ ଏସପି ଗଙ୍ଗାଧର ପୁରସ୍କୃତ କରିଥିଲେ। ହୋମ୍‌ଗାର୍ଡମାନଙ୍କ କାର୍ଯ୍ୟାବଳୀକୁ ଉଚ୍ଚପ୍ରଶଂସା କରିବାକୁ ଯାଇ ଏସ୍‌ପି କହିଲେ ଯେ, ଜରୁରୀକାଳୀନ ସେବା ପ୍ରଦାନ, ପ୍ରାକୃତିକ ବିପର୍ଯ୍ୟୟରେ ଉଦ୍ଧାର କାର୍ଯ୍ୟ ତଥା ଅପରାଧ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା କ୍ଷେତ୍ରରେ ହୋମଗାର୍ଡମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ମହାନ୍ତ, ଗୋପୀନାଥ ମଣିପାତ୍ର ଓ ଅନ୍ୟାନ୍ୟ ପୋଲିସ ଆଧିକାରୀମାନେ ଉପସ୍ଥିତ ଥିଲେ।



ହୋମଗାର୍ଡ ପ୍ରତିଷ୍ଠା ଦିବସରେ ଏସ୍‌ପି ଅଭିବାଦନ ଗ୍ରହଣ କରୁଛନ୍ତି ।

## ସର୍ବମଙ୍ଗଳା ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ

**ଗୋଲାମୁଣ୍ଡା, ୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧକ୍ଷ ଡ. ଚୈତନ୍ୟ ଚରଣ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧାପକ ପ୍ରଦୀପ କୁମାର ମିଶ୍ର ସଂଯୋଜନା କରିଥିଲେ। ଅଧାପକ ଜୟନ୍ତ କୁମାର ଜେନା, ଯୁବ ରେଡକ୍ରସ ପରାମର୍ଶଦାତା ଶାନ୍ତନୁ କୁମାର ପରିଡା, ଅଧାପକ ଘନଶ୍ୟାମ ଭାଟି ପ୍ରମୁଖ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଭବିଷ୍ୟତ ଗଠନ ପାଇଁ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଦିଗ ଉପରେ ମାର୍ଗ ଦର୍ଶନ କରିବା ସହ ଉପଦେଶ ଦେଇଥିଲେ। ଅଧାପକ ପ୍ରତାପ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ତ୍ରିନାଥ ପଟ୍ଟନାୟକ, ଅଧାପିକା ଶୋଭାଗିନୀ ନାୟକ ଓ ପ୍ରମୋଦ ମହାନ୍ତି ପରିଚାଳନା କରିଥିଲେ। ଭାରତ ସ୍କାଉଟ ଗାଇଡର ରୋଭର ଲିଡର ସନ୍ତୋଷ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

ମଣ୍ଡିରୁ ଫେରୁଛି କପା

# ମଞ୍ଜି ମୂଲ୍ୟ ହ୍ରାସ ନେଇ ଚିନ୍ତାରେ ଚାଷୀ

**ଭବାନୀପାଟଣା, ୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ପ୍ରଶାସନର ଅବହେଳା ଓ ଭାରତୀୟ କପା ନିଗମର କପା କିଣି ନୀତି ଯୋଗୁ ଜିଲାବ୍ୟାପୀ ଚାଷୀଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ଭବାନୀପାଟଣା ସବଡିଭିଜନର କର୍ଲାପଡା, ଖଜୁରପଡା, କୋକୋଡମାଲ, ଭେଜାପଦର ଆଦି ବହୁ ଗ୍ରାମର ଚାଷୀ କପାର ଉଚିତ ପ୍ରାପ୍ୟ ନ ମିଳିବାକୁ ବିରୋଧ କରିଛନ୍ତି। ମଣ୍ଡିକୁ କପା ନେଲେ ମାନ ଖରାପ ଥିବା ଦର୍ଶାଇ ନିଗମ କପା ନ ଉଠାଇବାରୁ ଚାଷୀମାନେ ବିରୋଧ କରିଛନ୍ତି। ଏହାର ଫାଇଦା ନେଇ ବେସରକାରୀ ସଂସ୍ଥା କମ ଦାମ୍‌ରେ କପା କିଣିବାକୁ ଆରମ୍ଭ କଲେଣି। କେବଳ ନାମକୁ ମାତ୍ର ମଣ୍ଡି ଖୋଲାଯାଇଛି। ମଣ୍ଡିରେ କୌଣସି ସରକାରୀ ଅଧିକାରୀଙ୍କ ଦେଖା ମିଳୁନାହିଁ। ଫଳରେ ଉଚିତ ମୂଲ୍ୟ ନ ମିଳିବାରୁ ଅଧିକାଂଶ ଚାଷୀଙ୍କୁ ମଣ୍ଡିରୁ କପା ଫେରାଇ ନେବାକୁ ପଡୁଛି। ଯେଉଁମାନେ କପା ଫେରାଇ ନେଉ ନାହାନ୍ତି ବାଧ ହୋଇ ବେସରକାରୀ ସଂସ୍ଥାର ମୁଲବାଲକୁ ମାନିବା ପାଇଁ ବାଧ ହେଉଛନ୍ତି। ସହାୟକ ମୂଲ୍ୟ ୫,୫୦୦ ଥିଲେ ମଧ କୁଇଣ୍ଟାଲ ପ୍ରତି ୪,୬୦୦ ଟଙ୍କାରେ ବେସରକାରୀ ସଂସ୍ଥାକୁ ବିକିବାକୁ ବାଧ ହେଉଛନ୍ତି। ଅନ୍ୟପଟେ କପା କିଣା ଏତେ ମନ୍ଥର ଗତିରେ ହେଉଛି ଯେ ଗ୍ରାମାଞ୍ଚଳର ଅଧିକାଂଶ ଚାଷୀ ଦଲାଲ ହାତକୁ କୁଇଣ୍ଟାଲ ପିଛା ୪,୨୦୦ ଟଙ୍କାରେ ବିକ୍ରି କରି ଦେଉଛନ୍ତି।

ଗତ ୩ ତାରିଖରେ ଉତ୍‌କେଲା ମଣ୍ଡିରୁ ୫ ଗାଡି କପା ଫେରି ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲାରେ ପ୍ରାୟ ୬ ଲକ୍ଷ ହଜାର କୁଇଣ୍ଟାଲ କପା ଉତ୍ପାଦନ ହୋଇଥିବାବେଳେ ଏଯାଏ ମାତ୍ର ପ୍ରାୟ ୪ ହଜାର କୁଇଣ୍ଟାଲ କପା କିଣାଯାଇଛି। କପାର ମନ୍ଥର କିଣା ଯୋଗୁ ଦଲାଲ ସକ୍ରିୟ ହୋଇପଡିଛନ୍ତି। ଜିଲାରୁ ବ୍ୟାପକ ପରିମାଣରେ କପା ଅନ୍ୟ ଜିଲାକୁ ଚାଲାଣ ହେଉଛି। ବର୍ତ୍ତମାନ ପ୍ରଥମ ତୋଳା ସରିବା ସମୟରେ ଯଦି ଏଭଳି ଅବସ୍ଥା ସୃଷ୍ଟି ହେଉଛି ତେବେ ଦ୍ୱିତୀୟ ଓ ତୃତୀୟ ତୋଳା ବେଳକୁ କପା ଶାଗମାଛ ଦରରେ ବିକ୍ରି ହେବ ବୋଲି ଚାଷୀ ଅନୁମାନ କରିଛି। ଛୋଟ ଚାଷୀ ତଳସ୍ତରରେ ଦଲାଲ ଦ୍ୱାରା ଶୋଷଣ ହେଉଥିଲା ବେଳେ ମଧ୍ୟମ ଓ ବଡ ଚାଷୀ କପାର ମାନ ଖରାପ ଥିବା ଯୋଗୁ ମଣ୍ଡିରେ କପା ବିକ୍ରି କରିପାରୁନାହିଁ। ଆଗରୁ ଅର୍ନ୍ତଜାତୀୟ ବଜାରରେ କପା ବେଲର ମୂଲ୍ୟ ହ୍ରାସ ପାଇଥିବା ବେଳେ ପୁଣି ଗତ ୩ ତାରିଖରେ କପା କଉଡି (ମଞ୍ଜି)ର ମୂଲ୍ୟ କୁଇଣ୍ଟାଲ ପିଛା ୨୦୦ ଟଙ୍କା କମିବା ଯୋଗୁ କପାର ମୂଲ୍ୟ ଆହୁରି ହ୍ରାସ ହେବା ନେଇ ଚାଷୀ ଚିନ୍ତାରେ ପଡିଯାଇଛି। ଚାଷୀ ଏହି ପରିସ୍ଥିତିର କିଭଳି ସାମନା କରିବେ ତାର ଚିନ୍ତାରେ ପଡ଼ିଛନ୍ତି। ଜିଲା ପ୍ରଶାସନ ଏହି ସମସ୍ୟାର ସମାଧାନ ଲାଗି ଚାଷୀମାନେ ଦାବି କରିଛନ୍ତି।

ଅଡ୍ରିରେ ସବ୍‌ଷ୍ଟେଶନ ଉଦ୍‌ଘାଟିତ

# ଦୁର୍ଗମ ଅଞ୍ଚଳରେ ଜଳିଲା ବିଜୁଳି

**ଭବାନୀପାଟଣା,୬।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ଅଡ୍ରିରେ ୱେସ୍କୋର ନବନିର୍ମିତ ବିଦ୍ୟୁତ ସବଷ୍ଟେଶନକୁ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉଦ୍‌ଘାଟନ କରିଛନ୍ତି। ୩୩/୧୧ କେଭିର ନୂତନ ବିଦ୍ୟୁତ ସବଷ୍ଟେଶନ ଲୋକାର୍ପଣ ପରେ ବ୍ଲକର ଅଡ୍ରି, ଗୋପୀନାଥପୁର, ମାଳିଗାଁ ପଞ୍ଚାୟତର ସମସ୍ତ ଦୁର୍ଗମ ଗାଁକୁ ବିଜୁଳି ଆଲୁଅ ମିଳିଛି। ଇନ୍ଦ୍ରାବତୀ ଜଳବନ୍ଦୀରେ ଥିବା ପୋଡାପଦର ପଞ୍ଚାୟତର ଅନେକ ଗାଁକୁ ମଧ ବିଜୁଳି ସୁବିଦା ମିଳିପାରିବ। ଏହି ପ୍ରକଳ୍ପରେ ମାଳିଗାଁ, ଦଳଗୁଡା, ଅଡ୍ରି ଓ ଗୋପୀନାଥପୁର ୪ଟି ଫିଡର୍ ସହ ସବୁ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ମନ୍ତ୍ରୀ ମିଶ୍ରଙ୍କ ସହ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ୱେସ୍କୋ ବିଭାଗ ଅଧରକାରୀଙ୍କ ମଧ୍ୟରେ ବୁର୍ଲା ଇଂଜିନିୟର ଧନଞ୍ଜୟ ରଣା, ଇଂଜିନିୟର ଦେବଦୂତ ଭୋଇ, ଇଂଜିନିୟର ମନୋହ ପଟ୍ଟନାୟକ (ଏସ୍‌ଡିଓ), ଜୁନିୟର ଇଂଜିନିୟର ଶ୍ୟାମ ସୁନ୍ଦର ସ୍ୱାଇଁଙ୍କ ସମେତ ଅନେକ ୱେସ୍କୋ କର୍ମଚାରୀ ଉପସ୍ଥିତ ଥଲେ। ଆୟୋଜିତ ସଭାରେ ମନ୍ତ୍ରୀ ମିଶ୍ର ଥୁ.ରାମପୁରରେ ଇନ୍ଦ୍ରାବତୀ ପ୍ରକଳ୍ପରେ ଉତ୍ପାଦନ ହେଉଥିବା ବିଦ୍ୟୁତ୍ ଷ୍ଟେଶନ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଥୁ.ରାମପୁର ବ୍ଲକର ପ୍ରତ୍ୟେକ ଗାଁକୁ ଶୀଘ୍ର ବିଜୁଳି ସେବା ଯୋଗାଇବା ପାଇଁ ମଧ ପ୍ରତିଶ୍ରୁତି ଦେଇଥିଲେ।

# ଦଣ୍ଡପାଟ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ

**ପର୍ଲା,୬।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାଠାରେ ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ ପାଇଁ ଶୁକ୍ରବାର ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି। ବେହେରା ଅଧିଷ୍ଠାତ୍ରୀ ଦେବୀ ମା' ଦନ୍ତେଶ୍ୱରୀଙ୍କ ପୀଠରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଦେବିଙ୍କ ମନ୍ଦିରରୁ ଏକ ସାଂକୃତିକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାରେ ସଂକିର୍ତ୍ତନ, ବାଜା ସାମିଲ ହୋଇଥିଲା। ଶୋଭାଯାତ୍ରା ସ୍ଥାନୀୟ ହାଇସ୍କୁଲ ନିକଟ ଧନୁଯାତ୍ରା ପଡିଆରେ ପହଞ୍ଚିବା ପରେ ପୂଜକ ମହନ ତିବାରି, ମାଟି ପୂଜକ ଖଏଁରୁ ପୂଝାରୀ, ଦନ୍ତେଶ୍ୱରୀ ପୂଜକ ଯୁବରାଜ ନାଏକଙ୍କ ଦ୍ୱାରା ପୂଜା ସମ୍ପନ୍ନ ହୋଇଥିଲା। ପୂଜାରେ ବାଳକୃଷ୍ଣ ବିଷି ଓ ମିରା ବିଷି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଶୁଭସ୍ତମ୍ଭ ସ୍ଥାପନ ଉତ୍ସବରେ ଧର୍ମଗଡ ବ୍ଲକ ଅଧକ୍ଷ ଓ ଧନୁଯାତ୍ରା କମିଟି ସଭାପତି ବଳରାମ ପୂଝାରୀ, ସ୍ଥାନୀୟ ସରପଞ୍ଚ ସୁଚିତ୍ରା ଗୋପାଳ, ରାଏଚନ ନାଏକ, ଜୟଚନ ନାଏକ, ସୋମନାଥ ବିଷି, ତ୍ରିଲୋଚନ ନାଏକ, ଧନୁର୍ଜୟ ବିଷି, ବିଶମ୍ବର ବାଣୁଆ, ତପୁ ନାଏକ, ଶୁକ୍ଲୁ ପଟେଲ, ତୁଳସୀରାମ ବାରିକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଦଣ୍ଡପାଟ ଧନୁଯାତ୍ରା ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବ ବୋଲି ଜଣାପଡିଛି ।



ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

# ବ୍ଲକସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ

**ଜୁନାଗଡ, ୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସଭାଗୃହଠାରେ ଶୁକ୍ରବାର ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ ପ୍ରସନ୍ନ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶକ୍ତି, ଶିଳ୍ପ, ଏମଏସ୍‌ଏମଇ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟବକ୍ତା କର୍ତ୍ତବ୍ୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ, ସମ୍ମାନିତ ଅତିଥି ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ବିଶିଷ୍ଟ ସାହିତ୍ୟକ ସତ୍ୟ ପଟ୍ଟନାୟକ, ଅଧାପକ ବିଶ୍ୱପତି ମୁଣ୍ଡ, ମଥୁରା ରାଧାକୃଷ୍ଣ କ୍ଲବ ସଭାପତି ସନାତନ ପଣ୍ଡା, ଏନ୍‌ୟାଇକେର ଲେଖାପାଳ ଦୃତିଆ ବନ୍ଧିଛୋଡ, ଭବାନୀପାଟଣା ପୂର୍ବତନ ପୌରାଧକ ଆଦିତ୍ୟ ପ୍ରସାଦ ନନ୍ଦ, ସାମାଜିକ କର୍ମୀ ପ୍ରବୋଦ ରଥ, ଭବାନୀ ଶଙ୍କର ନିଆଲ, ଭରତେନ୍ଦୁ ବେହେରା, ପ୍ରଭାତ ଦାଶ, ବିନୟ ସାହୁ ପ୍ରମୁଖ ଯୋଗଦେଇ ଯୁବ ସଶକ୍ତିକରଣ ଓ ଦକ୍ଷତା ବିକାଶ ଉପରେ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁବ ସଙ୍ଗଠକ ଅବିନାଶ ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନେହେରୁ ଯୁବ କେନ୍ଦ୍ର ଜାତୀୟ ଯୁବ ସ୍ୱେଚ୍ଛାସେବୀ ଚିନ୍ମୟ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଜୁନାଗଡ ବ୍ଲକର ବିଭିନ୍ନ ଯୁବ ଅନୁଷ୍ଠାନ(କ୍ଲବ)ର ସଭ୍ୟାସଭ୍ୟ ଯୋଗଦେଇଥିଲେ। ସେଥିମଧ୍ୟରୁ ୬ଟି ଅନୁଷ୍ଠାନକୁ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ କ୍ରୀଡା ସାମଗ୍ରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏନୟାଇକେର ଅସିତ ସାହୁ, କୋପେନଶ୍ୱର ବେମାଲ ଓ ମଥୁରା ରାଧାକୃଷ୍ଣ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପଦ୍ମାବତୀ ପଟେଲ ଧନ୍ୟବାଦ ଦେଇଥିଲେ। ଜିଲା ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଏହାକୁ ଆୟୋଜନ କରାଯାଇଥିଲା।



ଏକ ଅନୁଷ୍ଠାନକୁ କ୍ରୀଡ଼ା ସାମଗ୍ରୀ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ବଣ୍ଟନ କରୁଛନ୍ତି।

ଧାନ ମଣ୍ଡିରେ ୫ରୁ ୧୦ କେଜି କଟନି

# କିଷାନ ସଂଘର ବିରୋଧ, ବିକ୍ଷୋଭ

**ଗୋଲାମୁଣ୍ଡା, ୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ମଣ୍ଡିଗୁଡ଼ିକରେ ୫ରୁ ୧୦ କେଜି କଟନି କରାଯାଉଥିବା ଅଭିଯୋଗ ହେଉଛି। ଏହାକୁ ବ୍ଲକ କିଷାନ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଶୁକ୍ରବାର କିଷାନ ସଂଘ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଓ ଚାଷୀ ଗୋଲାମୁଣ୍ଡାସ୍ଥିତ ଡୁମୁରା ମଣ୍ଡିଠାରେ ଚଳିତ ଖରିଫ ଧାନ ମଣ୍ଡିରେ ଚାଷୀମାନଙ୍କଠାରୁ ହେଉଥିବା ୫ରୁ ୧୦ କେଜି କଟନିକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କିଷାନ ସଂଘ ଓ ଚାଷୀମାନଙ୍କ ଅଭିଯୋଗ ମଣ୍ଡିରେ ଦଲାଲମାନ ସକ୍ରିୟ ହୋଇ ସେମାନେ କମ ଦରରେ କିଣିଥିବା ଧାନକୁ ମଣ୍ଡିରେ ବିକ୍ରି କରୁଛନ୍ତି । ଦଲାଲମାନେ କୁଇଣ୍ଟାଲ ପିଛା ୭୦୦ ରୁ ୮୦୦ ଟଙ୍କାରେ କିଣିଥିବା ଧାନକୁ ମଣ୍ଡିରେ ବିକ୍ରି କରୁଥିବା ସମୟରେ ମଣ୍ଡି ପକ୍ଷରୁ ତାଙ୍କ ଧାନକୁ ୫ ରୁ ୧୦ କେଜି କଟନି କରାଯାଉଥିବା ବେଳେ ଚାଷୀମାନଙ୍କ ସଫା ଧାନକୁ ମଧ ସେହିପରି ଭାବେ ୫ ରୁ ୧୦ କେଜି କଟନି କରାଯାଉଛି।

ଦଲାଲମାନଙ୍କ କମ ଦରରେ କିଣିଥିବା ଧାନକୁ କଟନି କଲେ ମଧ ସେମାନଙ୍କୁ ପ୍ରଚୁର ଲାଭ ମିଳୁଥିବା ବେଳେ ସହି କ୍ରମରେ ଚାଷୀମାନଙ୍କ ସଫା ଧାନକୁ ମଧ ୫ ରୁ ୧୦ କେଜି କଟନି ହେବା ଦ୍ୱାରା ଚାଷୀମାନେ କ୍ଷତି ସହୁଥିବା ଚାଷୀମାନ ଅଭିଯୋଗ କରିଛନ୍ତି। ଧାନ ମଣ୍ଡିରେ ଦଲାଲମାନଙ୍କ ପ୍ରାଦୁର୍ଭାବ ବନ୍ଦ କରିବା ସହିତ ଚାଷୀମାନଙ୍କଠାରୁ ୫ ରୁ ୧୦ କେଜି କଟନି ବନ୍ଦ କରିବାକୁ କିଷାନ ସଂଘ ଦାବି କରିଛି ।

ଅନ୍ୟପକ୍ଷରେ ଚାଷୀମାନଙ୍କୁ ସମ୍ପୃକ୍ତ ମିଲର୍ସ ପକ୍ଷରୁ ଅଖା ଦେଇ ଧାନ କିଣିବା ନିୟମ ଥିବା ବେଳେ ଗୋଲାମୁଣ୍ଡା ବ୍ଲକରେ ଏହା ବ୍ୟତିକ୍ରମ ହେଉଥିବା ଦେଖାଇଛି । ଚାଷୀମାନଙ୍କଠାରୁ ଧାନ କ୍ରୟ କରୁଥିବା ସମୟରେ ଚାଷୀଙ୍କ ଅଖାରେ ଧାନ କିଣି ଆଉ ଚାଷୀକୁ ଧାନ ଫେରାଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଗୋଲାମୁଣ୍ଡା ବ୍ଲକରେ ୫ ରୁ ୧୦ କେଜି କଟନି ବନ୍ଦ କରିବା ସହିତ ବ୍ଲକରେ ଚାଲିଥିବା ଅଖା ଦୁର୍ନୀତି ବନ୍ଦ କରିବାକୁ କିଷାନ ସଂଘ ସଭାପତି ମଙ୍ଗରାଜ ଦାବି କରିଛନ୍ତି। ବିକ୍ଷୋଭରେ ଚାଷୀ ସୁଭାସ ଚନ୍ଦ୍ର ରାଉତ, କୃଷ୍ଣଚନ୍ଦ୍ର ମୁଣ୍ଡ, ଫକିର ମୁଣ୍ଡ, ତିଳରାମ ମେହେର, ଶ୍ୟାମ ସୁନ୍ଦର ଅଗ୍ରୱାଲ, ରମେଶ ଅଗ୍ରୱାଲ, ବସନ୍ତ ଚଲାନ, ଆନନ୍ଦ ପଟେଲ, ପବିତ୍ର ଭୋଇ, ମୁରଲି ସାହୁ, ରଧେ ନାଗ, ପ୍ରସାଦ ନାଗ, ରୁମାଞ୍ଚଳ ତେଜି, ପ୍ରଶାନ୍ତ ପଣ୍ଡା, ଜଳନ୍ଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ଉପଦେଶ ଦେବା ସରଳ କିନ୍ତୁ ଉପାୟ୍ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ



### ଉପରଝରରେ ଧାନ ଖରି ଉଜାଡ଼ିଦେଲେ ହାତୀପଲ

**ଦେଓଗାଁ,୬।୧୨(ଡି.ଏନ.ଏ.):** ଦେଓଗାଁ ବ୍ଲକ ଅନ୍ତର୍ଗତ ଉପରଝର ପଞ୍ଚାୟତରେ କିଛି ଦିନ ହେଲା ହାତୀ ଉପଦ୍ରବ ଲାଗି ରହିଛି। ଏଣୁ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି। ହାତୀ ଘଉଡାଇବାରେ ବନ ବିଭାଗ ବିଫଳ ହେବାରୁ ଉପରଝର ଓ ମକୁନ୍ଦପୁର ପଞ୍ଚାୟତ ବାସୀଙ୍କ ମଧରେ ଆସନ୍ତୋଷ ଦେଖା ଦେଇଛି। ତେବେ ଉପରଝରର ନରେଶ ସାହୁଙ୍କ ଖଳାରେ ଥିବା ୩ ଏକର ପରିମିତ ଜମିର ଧାନକୁ ଗୁରୁବାର ରାତିରେ ୧୦/୧୨ଟି ହାତୀ ଉଜାଡି ଦେଇଛନ୍ତି। ଏ ନେଇ ଜିଲା ବନ ଅଧିକାରୀ ସମୀର କୁମାର ଶତପଥୀ କହିଛନ୍ତି ଯେ, ଶୁକ୍ରବାର ଖବର ପାଇ ଡ୍ରୋନ କ୍ୟାମେରାରେ ହାତୀଙ୍କ ଗତିବିଧି ଅନୁଧାନ କରାଯାଇଛି। ହେଲେ ସ୍ପଷ୍ଟ ଜଣାପଡିନାହିଁ। ଏକର ପ୍ରତି ସର୍ବାଧିକ ୧୦ ହଜାର ଟଙ୍କା କ୍ଷତିପୂରଣ ବାବଦକୁ ସହାୟତା ରାଶି ଦେବାର ସରକାରୀ ବ୍ୟବସ୍ଥା ରହିଛି। ଏଣୁ ତଦନ୍ତ କରି ସହାୟତା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

### ୨୭୪ ମାମଲା ଫାଇସଲା, ୧୭ ଜଣଙ୍କୁ ଡାକ ଯୋଗେ ପଟ୍ଟା ପଠାଗଲା

**ଲୋଇସିଂହା,୬।୧୨(ଡି.ଏନ.ଏ.):** ଆଗଲପୁର ତହସିଲ ପ୍ରାଙ୍ଗଣରେ ଶୁକ୍ରବାର ମ୍ୟୁଟେଶନ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟ୍ଟା ସଂକ୍ରାନ୍ତ ୨୭୪ ମାମଲା ଫାଇସଲା ହୋଇ ୧୭ ଜଣଙ୍କୁ ଡାକ ଯୋଗେ ପଟ୍ଟା ପଠାଇଯାଇଛି। ତହସିଲଦାର ବିନୋଦ କୁମାର ନାଏକ, ଆରଆଇ ହାଡୁ ସାହୁ, ରେକର୍ଡକିପର ବିକାଶ ଭୋଇଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ଥିଲେ। ସୂଚନାମତେ, ଆଗଲପୁର ତହସିଲ ଆଗଲପୁର ଆଇର ଆଇ ସର୍କଲ ଅଧୀନ ଆଗଲପୁର, ରୋତ, ରିନବଚନ, ରଙ୍ଗଡୁହି, ଛେଲଖାଇ, ବାଗଝୁଲା ଇଂସା ଓ ଗୁଡିମୁହାଣ ଗ୍ରାମର ଭୂମିହୀନ ଲୋକେ ଘରଡିହ ପାଇଁ ତହସିଲ ନିକଟରେ ଦେଢ଼ ବର୍ଷ ତଳେ ଆବେଦନ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ନିଯୁକ୍ତି ନାଁରେ ୧୨ ଯୁବତୀଙ୍କୁ ନିର୍ଯାତନା

**ସଇଁତଲା(ଡି.ଏନ.ଏ.)/ବଲାଙ୍ଗୀର ଅଫିସ, ୬।୧୨**

ସରକାରୀ ଯୋଜନାରେ ପ୍ରଶିକ୍ଷଣ ନେଇ ଚାକିରି କରିବାକୁ ଯାଇଥିବା ବଲାଙ୍ଗୀରର ୧୨ ଜଣ ଯୁବତୀଙ୍କୁ ହାଇଦ୍ରାବାଦରେ ଅଟକ ରଖି ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଯୁବତୀମାନେ ଉଦ୍ଧାର ହୋଇ ବଲାଙ୍ଗୀର ଫେରିବା ପରେ ଘଟଣା ଶୁକ୍ରବାର ଲୋକଲୋଚନକୁ ଆସିଛି। ଏହା ଜଣାପଡିବା ପରେ ସଇଁତଲା ଅଞ୍ଚଳରେ ଆକ୍ରୋଶ ଓ ଉତ୍ତେଜନା ଦେଖା ଦେଇଛି। ଘଟଣାକୁ ନେଇ ଉଦ୍ଧାର ହୋଇଆସିଥିବା ୧୨ ଜଣ ଯୁବତୀଙ୍କ ସେମାନଙ୍କ ଅଭିଭାବକ, ମା, ବାପା ଓ ସମ୍ପର୍କୀୟଙ୍କ ସହ ବହୁ ଲୋକ ଖୋର୍ଦ୍ଧା ଓରମାସ୍ ଅଧିକାରୀ, ଉପାସନା ପ୍ରଶିକ୍ଷଣ ସଂସ୍ଥାର କର୍ମକର୍ତ୍ତାଙ୍କୁ ସଇଁତଲା ବ୍ଲକ୍ କାର୍ଯ୍ୟାଳୟରେ ଘେରାଉ କରି ରଖିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



ସଇଁତଲା ବ୍ଲକ୍ କାର୍ଯ୍ୟାଳୟରେ ଉଦ୍ଧାର ହୋଇଆସିଥିବା ଯୁବତୀମାନଙ୍କ ଅଭିଯୋଗକୁ ପୋଲିସ ଶୁଣୁଛି।

ଓରମାସ୍ ତରଫରୁ ଦିନଦୟାଲ ଉପାଧ୍ୟାୟ କୌଶଳ ଯୋଜନାରେ ସଇଁତଲା ଅଞ୍ଚଳର ୧୨ ଜଣ ଯୁବତୀଙ୍କୁ ଟ୍ରେନିଂ ପାଇଁ ଖୋର୍ଦ୍ଧାସ୍ଥିତ ଉପାସନା ଟ୍ରେନିଂ ସେଣ୍ଟରକୁ ପଠାଯାଇଥିଲା। ସେଠାରେ ସେମାନେ ମଲ୍ଟି ପର୍ପସ ହେଲ୍ଥ ୱାର୍କର୍ସ ଭାବେ ୩ ମାସ ଟ୍ରେନିଂ ନେବା ପରେ ହାଇଦ୍ରାବାଦ୍ର ଏକ ଚିକିତ୍ସାଳୟରେ ରୋଗୀ ସେବାକାରୀ ଭାବେ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। ତେବେ ସମ୍ପୃକ୍ତ ଯୁବତୀଙ୍କୁ ମାତ୍ର ଦେଢ଼ମାସର ଟ୍ରେନିଂ ଦେଲାପରେ ହାଇଦ୍ରାବାଦର ଯଶୋଦା ହସ୍ପିଟାଲରେ ପ୍ଲେସ୍‌ମେଣ୍ଟ ହେବ କହି ସେମାନଙ୍କୁ ହାଇଦ୍ରାବାଦ ନିଆଯାଇଥିଲା। ମାତ୍ର ହାଇଦ୍ରାବାଦ ପହଞ୍ଚିବା ପରେ ଯଶୋଦା ହସ୍ପିଟାଲକୁ ନିଆ ନ ଯାଇ ସେମାନଙ୍କୁ ମାଲାରେଡ଼ି ନାରାୟଣ ମଲ୍ଟି ସ୍ପେଶାଲିଟି ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଲିମ ଅନୁଯାୟୀ ରୋଗୀ ସେବା କାର୍ଯ୍ୟ କରିବା ବଦଳରେ ପାଇଖାନା ସଫା କରିବାକୁ କୁହାଯାଇଥିଲା। ଏହାକୁ ଯୁବତୀମାନେ ପ୍ରତିବାଦ କରିବାରୁ ସେମାନଙ୍କୁ ଉକ୍ତ ଡାକ୍ତରଖାନାରେ ନିର୍ଯାତନା ଦିଆଯାଇଥିଲା। ଗୋଟିଏ କୋଠରୀରେ ବନ୍ଦ କରିଦେଇ ୩ ଦିନ ପର୍ଯ୍ୟନ୍ତ ଖାଇବାକୁ ଦିଆଯାଇ ନ ଥିଲା। ସେଠାରେ ସେମାନେ କାମ କରିବେ ନାହିଁ ଓ ସେମାନଙ୍କୁ ଛାଡି ଦିଆଯାଉ ବୋଲି ଯୁବତୀମାନେ ଅନୁରୋଧ କରିବାରୁ ସେମାନଙ୍କୁ ମାଡ ମରାଯାଇଥିବା ଅଭିଯୋଗ କରିଛନ୍ତି। ଏହାବାଦ୍ ୨୫ ହଜାର ଟଙ୍କା ନ ଦେଲେ ସେମାନଙ୍କୁ ସେଠାରୁ ଛଡ଼ାଯିବ ନାହିଁ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହି ଗୋଟିଏ ଘରେ ବନ୍ଧକ ରଖିଥିଲେ। କୌଶଳକ୍ରମେ ଦୁଇ ଜଣ ଯୁବତୀ ଖସି ଆସି ସଇଁତଲା ପହଞ୍ଚି ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର କେହି ଶୁଣି ନ ଥିଲେ। ପରେ ଉଦ୍ଧାର ପାଇଁ ଜଣେ ଯୁବତୀଙ୍କ ଭାଇ ହାଇଦ୍ରାବାଦ୍ ଯାଇଥିଲେ। ୨୫ ହଜାର ଟଙ୍କା ଦେଲେ ଯାଇ ସେମାନଙ୍କୁ ଛଡାଯିବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଥିଲେ। ପରବର୍ତ୍ତୀ ସମୟରେ ୧୨ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇ ଶୁକ୍ରବାର ସଇଁତଲା ଅଣାଯିବା ପରେ ଏଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ନେଇ ଓଡିଶା ଜୀବିକା ମିଶନର ସଇଁତଲା ବ୍ଲକ୍ ପ୍ରୋଜେକ୍ଟ ମ୍ୟାନେଜର ମଧୁସ୍ମିତା ବିଶ୍ୱାଳଙ୍କୁ ପଚରାଯିବାରୁ ସମସ୍ତ ୧୨ ଜଣ ଯୁବତୀ ହ୍ରାଇଦ୍ରାବାଦରୁ ଫେରି ଅଭିଯୋଗ କରିଛନ୍ତି। ଏ ନେଇ ଏବେ ଆଲୋଚନା ଚାଲିଛି । ପରେ ସେ ସବିଶେଷ କହିପାରିବେ ବୋଲି କହିଛନ୍ତି। ଏହି ଆଲୋଚନାରେ ଖୋର୍ଦ୍ଧା ଉପାସନ୍ ଟ୍ରେନିଂ ସେଣ୍ଟରର ମନୋଜ କୁମାର ମହାନ୍ତି, ମାର୍ଗାରେଟ ସୋଫିଆ ସ୍ୱାଇଁ, ସୁଶାନ୍ତ ରାଉତ, ପ୍ରିୟଙ୍କା ଦଳେଇ, ବିଷ୍ଣୁ ପ୍ରସାଦ ନାଏକ, ବଲାଙ୍ଗୀରରୁ ଦେବେନ୍ଦ୍ର ବଘେଲ ଓ ସ୍କିଲ ଡେଭଲପମେଣ୍ଟର ମୁକେଶ ସିଂ ପହଞ୍ଚିଛନ୍ତି। ନିର୍ଯାତିତା ଯୁବତୀମାନେ ପାଉଣା ଦାବି କରିଛନ୍ତି। ବଲାଙ୍ଗୀର ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ ଘଟଣାସ୍ଥଳରେ ପହଞ୍ଚି ଯୁବତୀମାନଙ୍କୁ ଚାକିରି ଦେବା ନାମରେ ଠକାମୀ ଓ ନିର୍ଯାତନା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

## ୪୦ ଟଙ୍କାରେ କିଲେ ପିଆଜ

**ବଲାଙ୍ଗୀର ଅଫିସ, ୬।୧୨**

ବଲାଙ୍ଗୀର ନଗର କଂଗ୍ରେସ ପକ୍ଷରୁ ପିଆଜ ଦରବୃଦ୍ଧିକୁ ନେଇ ଶୁକ୍ରବାର ଅଭିନବ ପ୍ରତିବାଦ କରାଯାଇଛି। ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ କଚେରି ଛକରେ କେଜି ପ୍ରତି ୪୦ ଟଙ୍କାରେ ପିଆଜ ବିକ୍ରି କରିଥିଲେ। ବର୍ତ୍ତମାନ ବଲାଙ୍ଗୀର ମାର୍କେଟରେ ପିଆଜ କିଲୋ ପିଛା ୧୨୦ ଟଙ୍କା ଥିବାରୁ ଏଠାରେ ସାଧାରଣ ଖାଉଟିଙ୍କ ଭିଡ ପରିଲକ୍ଷିତ ହୋଇଥିଲା। କଂଗ୍ରେସ ନେତା ଅସୀମ ପଟ୍ଟନାୟକ, ଅଶୋକ ନନ୍ଦ, ଓମ୍ ପ୍ରକାଶ କୁମ୍ଭାର, ଅଜୟ ବାଲି, ଜ୍ୟୋତିଷ ମୁଗ୍ରୀ, ମହିଳା ସଭାନେତ୍ରୀ ମିଳନୀ ସାହୁ, ସାନନ୍ଦ ମିଶ୍ର, ଉମାକାନ୍ତ ସାହୁ, ପ୍ରେମ ପ୍ରକାଶ ମିଶ୍ର, ବ୍ରଜ ସେଠୀ ପ୍ରମୁଖ ସରକାରଙ୍କ ବିରୋଧରେ ଗର୍ଜି ଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ବଣ୍ଟନ କରିବା ଭଳି ସୁଲଭ ମୂଲ୍ୟରେ ପିଆଜ ଯୋଗାଣ କରାଯାଉ ବୋଲି ଏମାନେ ଦାବି କରିଥିଲେ। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ରାଜ୍ୟ ସମ୍ପାଦକ ସୁଦାମ ସାହୁ, ଜିଲା ଉପସଭାପତି ମନୀଷ ମିଶ୍ର, ସେବାଦଳ ମୁଖ୍ୟ ଅସିତ ମିଶ୍ର, ଚିଣ୍ଟୁ ପଣ୍ଡା, ପବିତ୍ର ନେପାକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ବଲାଙ୍ଗୀରରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ୪୦ ଟଙ୍କାରେ ଲୋକଙ୍କୁ ପିଆଜ ବିକ୍ରି କରାଯାଉଛି।

## ୧୭ରେ ମୁରିବାହାଲ ବ୍ଲକସ୍ତରୀୟ ଲୋକ ମହୋତ୍ସବ

**ମୁରିବାହାଲ, ୬।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଲୋକ ମହୋତ୍ସବ ଆସନ୍ତା ୧୭ ତାରିଖ ପାଳନ କରାଯିବ। ଏଥିପାଇଁ ବ୍ଲକ ସଭାଗୃହଠାରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ଶିପକ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ଉପାଧ୍ୟକ୍ଷ ସୁନ୍ଦରମତୀ ବାଗ, ଶ୍ରୀବତ୍ସ ବେହେରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ବେହେରା, ସରପଞ୍ଚ ସଂଘର ସଭାପତି ଗୋପିନାଥ ପାଣିଗ୍ରାହୀ, ଖବରଦାତା ସଂଘର ସଭାପତି ଭଗବାନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ତ୍ରିଲୋଚନ ବାଗ, ମଧୁସୂଦନ ମହାନନ୍ଦ, କୈଷ୍ୟପ ସରାଫ, ଯୁଧିଷ୍ଠିର ଭରାମଗରିଆ, ବନବିହାରୀ ଯୋଗୀ, ଅଗସ୍ତି ବଘାର, ଗଙ୍ଗାଧର ହେର୍ଣ୍ଣା ପ୍ରମୁଖ ସହଯୋଗ କରିଥିବା ବେଳେ ଗ୍ରାମ ପଞ୍ଚାୟତ ଅଧିକାରୀ ନିଳକଣ୍ଠ କାଳସାଏ ସଂଯୋଜନା କରିଥିଲେ।

### ମେରାବାହାଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ଚଲକିକୁ ହରାଇ ସତୀଘାଟ ଚାମ୍ପିୟନ



ଅତିଥି ଓ ଆୟୋଜକଙ୍କ ଗହଣରେ ଫାଇନାଲ ମ୍ୟାଚ ଖେଳିଥିବା ଦୁଇ ଦଳର ଖେଳାଳି।

**ଟିକ୍ରାପଡା,୬।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡା ପଞ୍ଚାୟତ ଅଧୀନ ମେରାବାହାଲ ଗ୍ରାମସ୍ଥିତ ବେଣୁଧର ଯୋଶୀ ଫୁଟବଲ ପଡିଆରେ ସ୍ଥାନୀୟ ଯୁବ ଗୋଷ୍ଠୀ ଅନୁକୂଲ୍ୟରେ ଅନୁଷ୍ଠିତ ଚତୁର୍ଥ ଆଞ୍ଚଳିକ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଚଲକି ଦଳକୁ ଟାଇବ୍ରେକର ଯୋଗେ ୩-୨ ଗୋଲରେ ହରାଇ ସତୀଘାଟ ଚାମ୍ପିୟନ ହୋଇଛି। ବିଜୟ କୁମାର ଖମାରୀ ଖେଳ ପରିଚାଳନା କରିଥିଲେ। କମିଟି ସଭାପତି ଗୋବିନ୍ଦ ପରାଭୁଏଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ସୁମନ୍ତ ହରପାଲ ସଭାରେ ସଂଯୋଜନା କରିଥିଲେ। ଅକ୍ଷୟ ରଣା ମୁଖ୍ୟ ଅତିଥି, ଶିକ୍ଷାବିତ ଅରବିନ୍ଦ ସୁପକାର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୬୦୦୧ ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୪୦୦୧ ଟଙ୍କା ପ୍ରଦାନ କରାଯାଇଥିଲା। ରୁକଧର ରଣା, ଭଗବାନ ହରପାଲଙ୍କ ସମେତ ଯୁବ ଗୋଷ୍ଠୀ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଶିରିଶରେ ଖେଳପଡ଼ିଆ ନିର୍ମାଣ ପାଇଁ ଶୁଭାରମ୍ଭ

**ଦେଓଗାଁ,୬।୧୨(ଡି.ଏନ.ଏ.)**

ବଲାଙ୍ଗିର ଜିଲା ସଦର ବ୍ଲକ କୁଡାସିଂହା ପଞ୍ଚାୟତ ଅନ୍ତର୍ଗତ ଶିରିଶ ନିକଟସ୍ଥ ବୁଢ଼ାଡଙ୍ଗର ପାହାଡ ପାଦଦେଶରେ ଶୁକ୍ରବାର ଖେଳ ପଡିଆ ନିର୍ମାଣ ଲାଗି ଶୁଭାରମ୍ଭ ହୋଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ୟାମ ମୋହନ ବଡ଼େଇଙ୍କ ପରିଚାଳନାରେ ସ୍ଥାନୀୟ ସରପଞ୍ଚ କପିଳ ନନ୍ଦ, ୱାର୍ଡ ସଭ୍ୟ ଜୀବରଧନ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୧୦ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯିବ ବୋଲି ଗ୍ରାମରୋଜଗାର ସେବକ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।



ଶିରିଶରେ ଖେଳ ପଡିଆ ନିର୍ମାଣ ଲାଗି ଶୁଭାରମ୍ଭ ହୋଇଛି।

### ବଲାଙ୍ଗୀର ସଦର ବ୍ଲକ୍ ସଭାଗୃହରେ ଜିଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା

# ଚିନ୍ତା ବଢ଼ାଇଛି ମହିଳା, ଶିଶୁଙ୍କ ସୁରକ୍ଷା

**ବଲାଙ୍ଗୀର ଅଫିସ, ୬।୧୨**

ସମ୍ପ୍ରତି ସମାଜରେ ମହିଳା ଓ ଶିଶୁମାନେ ଅସୁରକ୍ଷିତ ହୋଇ ପଡିଛନ୍ତି। ବିଶେଷ କରି ଏମାନଙ୍କ ଉପରେ ଯୌନ ନିର୍ଯାତନା ବଢୁଛି। ଏଣୁ ଏମାନଙ୍କ ସୁରକ୍ଷା ଓ ଅଧିକାର ଆଜିର ସମାଜରେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଏଥିପାଇଁ ସମସ୍ତେ ଧ୍ୟାନ ଦେଇ ସଚେତନ ସତର୍କ ହେବା ସହ ସହଯୋଗର ହାତ ବଢାଇବା ଜରୁରି। ତେବେ ଆମ ସମାଜରେ ମହିଳା ଓ ଶିଶୁମାନେ ସୁରକ୍ଷିତ ରହି ପାରିବେ। ସେମାନେ ନିଜ ଅଧିକାରରୁ ବଞ୍ଚିତ ହେବେ ନାହିଁ। ମହିଳା ଓ ଶିଶୁଙ୍କ ଉପରେ ହେଉଥିବା ଘରୋଇ ହିଂସା କିପରି ରୋକା ଯାଇପାରିବ ଓ ଏଥିପାଇଁ କ'ଣ ଆଇନଗତ ବ୍ୟସ୍ଥା ରହିଛି ସେ ନେଇ ବଲାଙ୍ଗୀର ସଦର ବ୍ଲକ୍ ସଭାଗୃହ ଶୁକ୍ରବାର ପୂର୍ବାହ୍ନରେ ଜିଲାସ୍ତରୀୟ ପ୍ରଶିକ୍ଷଣ ଏବଂ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଜିଲା ଆଇନସେବା ପ୍ରାଧିକରଣର ଜୁଡିସିଆଲ ମାଜିଷ୍ଟ୍ରେଟ୍ ସୌରଭ ଶର୍ମା ଓ ତ୍ରିଜୀବ କୁମାର ନନ୍ଦ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ପଟେଲ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଘରୋଇ ହିଂସାର ଶିକାର ହେଉଥିବା ମହିଳା ଓ ଶିଶୁଙ୍କ ସୁରକ୍ଷା ଓ ଅଧିକାର ଉପରେ କର୍ମଶାଳାରେ ଆଲୋଚନା ହୋଇଥିଲା । ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପରାମର୍ଶଦାତା ଦିଗାମ୍ବର କର, ଶିଶୁ ମଙ୍ଗଳ ୟୁନିଟ୍‌ର ନନ୍ଦକିଶୋର ଷାଣ୍ଢେ, ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ବ୍ଲକ୍ ଚେୟାରମ୍ୟାନ ଗୋଲାପ ବାଗ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁମାନଙ୍କ ଯୌନ ଅପରାଧ ଓ ସୁରକ୍ଷା ଆଇନ, କିଶୋରମାନଙ୍କ ନ୍ୟାୟ, ମହିଳା, ଶିଶୁ ଚାଲାଣ ଅପରାଧ, କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା, ଭାରତୀୟ ପିଙ୍ଗଳ କୋର୍ଡ ତଥା ଫୌଜଦାରୀ ଫିଙ୍ଗଳ କୋର୍ଡର ସଂଶୋଧନ ଉପରେ ଆଲୋଚନା ହୋଇଥିଲା। ମହିଳା ଓ ଶିଶୁଙ୍କ ସୁରକ୍ଷା, ସେମାନଙ୍କ ଅଧିକାର ଉପରେ ବଲାଙ୍ଗୀର ଜିଲାର ବିଭିନ୍ନ ଥାନାରୁ ଆସିଥିବା ମହିଳା ଓ ଶିଶୁ ଡେସ୍କ ଅଧିକାରୀ, ଆଇଆଇସି କିଭଳି ଦାୟିତ୍ୱ ତୁଲାଇବେ ସେନେଇ କର୍ମଶାଳାରେ ଆଲୋଚନା କରାଯାଇଥିଲା। ଶେଷରେ ସୁରକ୍ଷା ଅଧିକାରୀ ଭଗବତୀ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।



ମହିଳା ଓ ଶିଶୁଙ୍କ ବିରୋଧରେ ଘରୋଇ ହିଂସା ବିଷୟରେ ଜିଲାସ୍ତରୀୟ ପ୍ରଶିକ୍ଷଣ ଏବଂ କର୍ମଶାଳାରେ ଅତିଥିମାନେ।

## ଫଟୋରେ ଖବର









ଭାରତରତ୍ନ ବାବା ସାହେବ ଡ ଭୀମରାଓ ଆମ୍ବେଡ଼କରଙ୍କ ଶ୍ରାଦ୍ଧ ଦିବସ ଅବସରରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ବଲାଙ୍ଗୀର କଚେରି ଛକ ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି (ବାମ)। ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜରେ ଶୁକ୍ରବାର ପାଇଲ୍ସ ଚିହ୍ନଟ ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି (ମଝି)। ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ପଡିଆରେ ଶୁକ୍ରବାର ୫୭ତମ ହୋମଗାର୍ଡ ଦିବସ ପାଳନ ଅବସରରେ ୧୯ ଜଣ ଗୃହରକ୍ଷୀଙ୍କୁ ଏସ୍‌ପି ସନ୍ଦୀପ ମାଡକର ସମ୍ମାନିତ କରିଛନ୍ତି। (ଫଟୋ-ସୁନୀଲ)



ନିଜର ସାମର୍ଥ୍ୟକୁ ଜଣେ ଯେତେବେଳେ ସନ୍ଦେହ କରେ,
ସେ ଆଉ ପ୍ରଗତି ପଥରେ ଆଗେଇପାରେ ନାହିଁ।
- କନ୍‌ଫୁସିୟସ୍

## ସଂକ୍ଷେପରେ

### ବସ୍‌ରେ ମଦ ନେଉଥିବାବେଳେ ପୋଲିସ ଚଢ଼ାଉ

## ବସ ସହ ମଦ ଜବତ, ୩ କୋର୍ଟ ଚାଲାଣ

କୁଆଁରମୁଣ୍ଡା,୬।୧୨(ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଉପଖଣ୍ଡ ପୋଲିସ ପକ୍ଷରୁ ଦେଶୀ ମଦ କାରବାରକୁ ରୋକିବା ପାଇଁ ଚଢ଼ାଉ ଜୋରଦାର କରାଯାଇଛି। ବୀରମିତ୍ରପୁର ଉପଖଣ୍ଡ ପୋଲିସ ଅଧିକାରୀ ନିବେଦିତା ସୋରେଙ୍ଗଙ୍କୁ ନେଇ ପୋଲିସ ଟିମ୍ ବୁଧବାର ରାତି ପ୍ରାୟ ୮ଟାରେ ଅଚାନକ ଚଢ଼ାଉ କରି ଏକ ଯାତ୍ରୀବାହୀ ବସ୍ (ନଂ. ଓଡି ୧୪ଭି୮୨୮୩)ରେ ବୀରମିତ୍ରପୁରରୁ ରାଉରକେଲାକୁ ଚାଲାଣ ହେଉଥିବା ଦେଶୀ ମଦକୁ ଜବତ କରିଛି। ଜବତ ଦେଶୀ ମଦର ପରିମାଣ ୩୭.୭ ଲିଟର ବୋଲି ପୋଲିସ ସୂଚନା ଦେଇଛି। ଏହାସହ ମଦ ଚାଲାଣ ହେଉଥିବା ଯାତ୍ରୀବାହୀ ବସ୍‌କୁ ପୋଲିସ ଜବତ କରିବା ସହ ଚାଲାଣକାରୀ ହିରାମତୀ ନାଏକ(୩୭), ଅନିତା ସନମାସୀ(୨୭) ଓ ଅନିତା ନାନୱାର(୩୫)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଉକ୍ତ ୩ ଜଣ ମହିଳା ବୀରମିତ୍ରପୁର ଥାନା ଅନ୍ତର୍ଗତ ବାରାବାଂଶ ଅଞ୍ଚଳର ବୋଲି ପୋଲିସ କହିଛି। ସେହିପରି ଗୁରୁବାର ହାତୀବାରି ଥାନା ଅଞ୍ଚଳର କରଡେଗା ଗ୍ରାମର ଦ୍ୱାରିକା କଂସାରି(୩୫)ଙ୍କ ନିକଟରୁ ୩୦ ଲିଟର ଓ ରାଏବୋଗା ଥାନା ଅନ୍ତର୍ଗତ ରିଠାଟୋଲି ଗ୍ରାମର ଗୋରେଟି ସୋରେଙ୍ଗ(୪୫)ଙ୍କ ନିକଟରୁ ୩୦ ଲିଟର ଓ ୫ ଲିଟର ଦେଶୀ ମଦ ଜବତ କରାଯାଇ ଉଭୟ ହାତୀବାରି ଓ ରାଏବୋଗା ଥାନାରେ ଅବକାରୀ ଆକ୍ଟରେ ୨ଟି ମାମଲା ରୁଜୁ ହୋଇଛି। ଏହି ଅଚାନକ ଚଢ଼ାଉ ପରେ ବୀରମିତ୍ରପୁର ଉପଖଣ୍ଡ ଅଞ୍ଚଳରେ ଚୋରା ମଦ ବେପାରୀଙ୍କ ମଧ୍ୟରେ ଛନକା ପଶିଥିବା ଆଲୋଚନା ହେଉଛି।

### ବାଢୁନଝରିଆ ଇକୋଟୁରିଜିମ୍ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ ଘଟଣା

# ଠିକା ସଂସ୍ଥାକୁ ଘଣ୍ଟ ଘୋଡାଇ ଚାଲିଛି ପ୍ରଶାସନ



ବାଢୁନଝରିଆ ଇକୋଟୁରିଜିମ୍ ପର୍ଯ୍ୟନ୍ତ ତିଆରି ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ।

**ଦେଶରଞ୍ଜନ ପଟେଲ**
**ଲେଫ୍ରିପଡା, ୬।୧୨(ଡି.ଏନ.ଏ)**

- ପ୍ରକଳ୍ପର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ
- ଠିକା ସଂସ୍ଥା ସହ ବିଭାଗର ସଲାସୁତରା
- ଭିଜିଲାନ୍ସ ତଦନ୍ତ ଦାବି କଲେ ଲୋକେ

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଗିରିଙ୍ଗକେଲା ପଞ୍ଚାୟତର ଲୁଡକିଝରଣ ସମ୍ମୁଖରେ ଥିବା ପିଡବ୍ଲୁଡି ରାସ୍ତାଠାରୁ ବାଢୁନଝରିଆ ଇକୋଟୁରିଜିମ୍ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଏହି ଘଟଣାରେ ପ୍ରକଳ୍ପର ସ୍ଥାୟୀତ୍ୱ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକଙ୍କ ଅଭିଯୋଗ ସତ୍ତ୍ୱେ ଠିକା ସଂସ୍ଥାକୁ ଘଣ୍ଟ ଘୋଡ଼ାଇ ଚାଲିଛି ପ୍ରଶାସନ। ଏଥିରୁ ଠିକା ସଂସ୍ଥା ସହ ବିଭାଗ, ପ୍ରଶାସନର ସଲାସୁତରା ଚାଲିଥିବା ଜଣାପଡୁଛି। ତେଣୁ ଭିଜିଲାନ୍ସ ତଦନ୍ତ କରାଗଲେ ଅନିୟମିତତା ରହସ୍ୟ ଜଣାପଡ଼ିବ ବୋଲି କୁହାଯାଉଛି। ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥା ବିଭାଗର ଛତ୍ରଛାୟା ତଳେ ଥିବାରୁ ମନମୁଖୀ ନିମ୍ନମାନର କାର୍ଯ୍ୟ କରିଚାଲିଥିବାରୁ ଗ୍ରାମବାସୀ ଏହାର ଅଭିଯୋଗ କଲେ ମଧ୍ୟ କୌଣସି ଖାତିର କରୁ ନ ଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ରାସ୍ତାରେ ନିମ୍ନମାନର କାର୍ଯ୍ୟ କରାଯାଉଛି। ଫଳରେ ରାସ୍ତା ଫାଟି ଯାଉଛି। ରାସ୍ତାରେ ପାଣି ଦିଆଯାଉ ନାହିଁ। ନୂଆ କଲଭର୍ଟ ନ କରି ପୁରୁଣାକୁ ମରାମତି କରାଯାଉଛି। ରାସ୍ତା ନିର୍ମାଣ କାର୍ଯ୍ୟ ସୁନ୍ଦରଗଡ ଜିଲା ପ୍ରଶାସନ ପକ୍ଷରୁ ଜିଲା ଖଣିଜ ପାଣ୍ଠିରୁ ୨କୋଟି ୯୬ଲକ୍ଷ ୪୮ହଜାର ୧୧୦ଟଙ୍କା ବ୍ୟୟ ଅଟକଳରେ କରାଯାଉଛି। ସୁନ୍ଦରଗଡ ଆରଡି ବିଭାଗ କାର୍ଯ୍ୟନିର୍ବାହୀ ସଂସ୍ଥା ଭାବେ କାର୍ଯ୍ୟ କରି ଚାଲିଥିବା ବେଳେ କାର୍ଯ୍ୟକାରୀ କରୁଥିବା ଠିକା ସଂସ୍ଥା ମନମୁଖୀ ନିମ୍ନମାନର କାର୍ଯ୍ୟ କରି ଚାଲୁଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ କାହିଁକି ଘଣ୍ଟ ଘୋଡାଇ ଚାଲିଛି ବୋଲି ସ୍ଥାନୀୟ ଜନସାଧାରଣ ମୁହଁ ଖୋଲିଛନ୍ତି। ଏହି ଅନିୟମିତତା ଉପରେ ତଦନ୍ତ କରାଯାଇ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଲୋକେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ସୁନ୍ଦରଗଡ ଜିଲା ସମେତ ରାଜ୍ୟର ଅନ୍ୟାନ୍ୟ ଜିଲାରୁ ଏବଂ ରାଜ୍ୟ ବାହାରୁ ଏହି ଇକୋଟୁରିଜିମ୍‌କୁ ଦୈନିକ ପର୍ଯ୍ୟଟକଙ୍କ ଗହଳି ହେଉଥିବାରୁ ଏହି ରାସ୍ତା ପ୍ରତି ଜନସାଧାରଣଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଇଛି। ରାସ୍ତା ନିର୍ମାଣ ସମ୍ପର୍କରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଭାବେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ସୁନ୍ଦରଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡି) ନିର୍ବାହୀ ଯନ୍ତ୍ରୀ କହନ୍ତି, କେଉଁ କେଉଁ ଜାଗାରେ ଫାଟିଛି ଏବଂ କେତେ ସ୍ଥାନରେ ଫାଟିଛି ତାହାର ଫଟୋ କପି ମୋ ପାଖକୁ ପଠାନ୍ତୁ। କଂକ୍ରିଟ୍ କାର୍ଯ୍ୟରେ ଯଦି ପାଣି ଦିଆଯାଉ ନାହିଁ ତା ହେଲେ ଶୁଖିଲା ଦେଖାଯାଉଥିବା ଜାଗାର ମଧ୍ୟ ଫଟୋ ପଠାନ୍ତୁ। ଏହା ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଅଞ୍ଚଳବାସୀ ଯାହା କହନ୍ତି....



“ କାର୍ଯ୍ୟ କରୁଥିବା ଠିକା ସଂସ୍ଥା କାର୍ଯ୍ୟକୁ ଅତି ନିମ୍ନମାନର କରିଚାଲିଛି। ବିଭାଗୀୟ ଅଧିକାରୀ ଏବଂ କାର୍ଯ୍ୟକାରୀ ଠିକା ସଂସ୍ଥା ମଧ୍ୟରେ ସଲାସୁତୁରା ରହିଛି ବୋଲି ଜଣାପଡୁଛି। ଗ୍ରାମବାସୀଙ୍କ ପକ୍ଷରୁ ତାଗିଦ କଲେ ମଧ୍ୟ କିଛି ଶୁଣୁ ନାହାନ୍ତି। ଜିଲାପାଳ ଦୃଷ୍ଟି ଦିଅନ୍ତୁ।
-ସୁରେଶ ନାଗ, ବାଢୁନଝରିଆ।



“ କଂକ୍ରିଟ୍ କରୁଥିବା କାର୍ଯ୍ୟରେ ପାଣି ଦିଆଯାଉ ନାହିଁ। ପାଣି ଦେବାପାଇଁ କହିଲେ ମଧ୍ୟ କିଛି ଶୁଣୁନାହାନ୍ତି। ରାସ୍ତାରେ ପକାଇଥିବା ପିଚୁ ସବୁ ପ୍ରାୟ ଜାଗାରେ ଫାଟି ଦବିଗଲାଣି। ବର୍ତ୍ତମାନ ପୁଣି ସେହି ଜାଗାରେ ଅଳ୍ପ ଫଟାଇ ପେଚିଂ କରିଚାଲିଛନ୍ତି। କାମ ଖରାପର ଏହା ପ୍ରମାଣ।
-ମଂଚନ କଁସଓ୍ୱାର, ବାଢୁନଝରିଆ।



“ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥା ସଲାସୁତରା ହୋଇଥିବାରୁ କାମ ତଦାରଖ ଲାଗି କେହି ଯନ୍ତ୍ରୀ ଆସୁନାହାନ୍ତି। ଏନେଇ କୌଣସି ଅଭିଯୋଗ କରିବାକୁ ଚାହୁଁଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଯେପରି ଭାବେ ରାସ୍ତା କାମ ଚାଲିଛି କିଛି ମାସ ପରେ ଖରାପ ହେବାର ଆଶଙ୍କା ରହିଛି।
-ଗୋକୁଲା ରାଉତ୍, ବାଢୁନଝରିଆ।



“ ରାସ୍ତାଟି ଆମ ଅଞ୍ଚଳର ଅଟେ। ଠିକାସଂସ୍ଥା ମନଇଚ୍ଛା ଯାହା ତାହା କାମ କରିଚାଲିଛି ଏଥିରେ ବିଭାଗ ପକ୍ଷରୁ କାହିଁକି ପ୍ରଶ୍ରୟ ଦିଆଯାଉଛି। ଏତେ ଟଙ୍କାର କାମକୁ କାହିଁକି ବିଭାଗୀୟ ଯନ୍ତ୍ରୀମାନେ ତଦନ୍ତ କରୁନାହାନ୍ତି। ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେଉ।
-ଜୟନ୍ତୀ ନାଗ, ବାଢୁନଝରିଆ।



“ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାମରେ ନିମ୍ନମାନର କାର୍ଯ୍ୟକୁ ପ୍ରଶୟ ଦିଆଯାଉଛି। ଏଥିରେ ବ୍ୟାପକ ଅର୍ଥ ହେରଫେର୍ କରାଯିବାର ସମ୍ଭାବନା ରହିଛି। ତଦନ୍ତ କରି ଠିକା ସଂସ୍ଥା ବିରୋଧରେ ସୁନ୍ଦରଗଡ ଜିଲାପାଳ ପଦକ୍ଷେପ ନେବା ଉଚିତ୍।
-ବାଲମତୀ ସୋରେନ୍, ବାଢୁନଝରିଆ

## ବ୍ୟବସାୟୀଙ୍କଠାରୁ ଦୁଇ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ଆଉ ଜଣେ ଗିରଫ

**ଲହୁଣୀପଡା, ୬।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଲହଙ୍ଗା ସ୍ଥିତ ଶତୃଘ୍ନ ପ୍ରାଥମିକ ବିଦ୍ୟାଳୟ ନିକଟରେ ୬ମାସ ପୂର୍ବରୁ ଘଟିଥିବା ବ୍ୟବସାୟୀଙ୍କଠାରୁ ଲୁଟ ଘଟଣାରେ ଆଉ ଜଣେ ଲୁଟେରାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ସୁନ୍ଦରଗଡ ଟାଙ୍ଗରପାଲି ଗ୍ରାମର ସୌଭାଗ୍ୟ ସେଠ (୨୨)କୁ ଲହୁଣୀପଡା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୂର୍ବରୁ ଅନ୍ୟ ଦୁଇଜଣଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବା ବେଳେ ଏହି ଗ୍ୟାଙ୍ଗର ଅନ୍ୟଜଣେ ଫେରାର ଅଛନ୍ତି। ଗତ ଜୁନ ମାସ ୧୬ ତାରିଖ ସନ୍ଧ୍ୟାରେ ଲହୁଣୀପଡା ସ୍ଥିତ ଶତୃଘ୍ନ ବିଦ୍ୟାଳୟ ନିକଟରେ ଏହି ଲୁଟ ଘଟିଥିଲା । ଦେବଗଡ ଅଞ୍ଚଳ ଜଣେ ବ୍ୟବସାୟୀ ଲହୁଣୀପଡାକୁ ଆସିଥିଲେ। କାମ ସାରି ସନ୍ଧ୍ୟାରେ ଶତୃଘ୍ନ ବିଦ୍ୟାଳୟ ନିକଟରେ ଗାଡି ରଖିଦେଇ ଶୌଚ ପାଇଁ ଯାଇଥିଲେ । ବ୍ୟବସାୟୀ ଜଣକ ଶୌଚ ସାରି ଗାଡି ନିକଟକୁ ଆସିବା ସମୟରେ ଜଣେ ଲୁଟେରା ବ୍ୟବସାୟୀଙ୍କୁ ଭୁଜାଲି ପିସ୍ତଲ ଦେଖାଇ ଭୟଭିତ କରିବା ସହିତ ତାଙ୍କ ପାଖରୁ ଦୁଇ ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ । ଲହୁଣୀପଡା ଥାନାରେ ମାମଲା ରୁଜୁ ହୋଇଥିଲା । ପୋଲିସ ସେମାନଙ୍କର କିଛି ଟେର ପାଉନଥିଲା । କିଛି ମାସ ପରେ କୋଇଡାର ଏକ ପେଟ୍ରୋଲ ପମ୍ପରୁ ଏହି ଦଳ ଡକାୟତି କରି ପୋଲିସ ହାତରେ ଧରା ପଡିଥିଲେ ଏବଂ ଗୁଡ୍ଡୁ ଚୌଧୁରୀ ଓ ବିଶାଳ ପ୍ରସାଦ କୋର୍ଟ ଚାଲାଣ ହୋଇଥିବା ବେଳେ ଗୁରୁବାର ପୋଲିସ ସୌଭାଗ୍ୟ ସେଠକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜାଣିବାକୁ ମିଳେ ।



ଭିଜିଲାନ୍ସ ବିଭାଗ ଠାବ କରିଥିବା ସୁନ୍ଦରଗଡ଼ ମହେଶଡିହିସ୍ଥିତ କନିଷ୍ଠ ଯନ୍ତ୍ରୀ ଶ୍ୟାମସାଗର ସାଏଙ୍କ ୮୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୨ ମହଲା କୋଠା।

### ପ୍ରଧାନଶିକ୍ଷକଙ୍କ ଦାୟିତ୍ୱବହନକୁ ଗଣ୍ଡଗୋଳ

## ହାଇସ୍କୁଲରେ ଗ୍ରାମବାସୀ ମାରିଲେ ତାଲା, ସମାଧାନ ପରେ ଖୋଲିଲେ

**କୁତ୍ରା, ୬।୧୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗ ଗ୍ରାମ ପଞ୍ଚାୟତର ସଦର ମହକୁମା କଟଙ୍ଗଠାରେ ଥିବା ଶାନ୍ତାଦେବୀ ହାଇସ୍କୁଲରେ ପ୍ରଧାନଶିକ୍ଷକଙ୍କ ଦାୟୀତ୍ୱକୁ ନେଇ ଦୁଇ ଶିକ୍ଷକଙ୍କ ମଧରେ ଲାଗି ରହିଥିବା ଗଣ୍ଡଗୋଳକୁ ନେଇ ଗୁରୁବାର ଅପରାହ୍ନରେ ଗ୍ରାମବାସୀ ସ୍କୁଲରେ ତାଲା ପକାଇ ଦେଇଥିଲେ। ସମାଧାନ ପରେ ଶୁକ୍ରବାର ଦିନ ୧୨ଟାରେ ତାଲା ଖୋଲା ଯାଇଥିବା ଜଣାପଡିଛି। କଟଙ୍ଗ ଗ୍ରାମରେ ଥିବା ଶାନ୍ତାଦେବୀ ହାଇସ୍କୁଲରେ ଥୋମାସ ବିଲୁଙ୍ଗ ନାମକ ଜଣେ ଶିକ୍ଷକ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ ତୁଲାଇଥିଲେ। ସେ ପ୍ରତିଦିନ ସ୍କୁଲକୁ ଆସୁ ନ ଥିବା ଅଭିଯୋଗ ପରେ ଜିଲା ଶିକ୍ଷା ଅଧିକାରୀ ୨୦୧୬ ମସିହାରେ ଥୋମାସ ବିଲୁଙ୍ଗଙ୍କଠାରୁ ପ୍ରଧାନଶିକ୍ଷକ ଦାୟୀତ୍ୱ କାଢ଼ି ଶିକ୍ଷକ ନିତ୍ୟାନନ୍ଦ ବେହେରାଙ୍କୁ ଦାୟୀତ୍ୱ ପ୍ରଦାନ କରିଥିଲେ। ୨୦୧୬ରୁ ନିତ୍ୟାନନ୍ଦ ପ୍ରଧାନଶିକ୍ଷକ ଦାୟୀତ୍ୱ ତୁଲାଇ ଆସୁଥିବାବେଳେ ପୁଣି ୨୭ ଅକ୍ଟୋବର, ୨୦୧୮ରେ ଜିଲା ଶିକ୍ଷା ଅଧିକାରୀ ଥୋମାସ ବିଲୁଙ୍ଗଙ୍କୁ ପ୍ରଧାନଶିକ୍ଷକ ଦାୟୀତ୍ୱ ହସ୍ତାନ୍ତରିତ ପାଇଁ ନିତ୍ୟାନନ୍ଦ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିତ୍ୟାନନ୍ଦ ଥୋମାସ ବିଲୁଙ୍ଗଙ୍କୁ ଦାୟୀତ୍ୱ ହସ୍ତାନ୍ତର ପାଇଁ ବିଳମ୍ବ କରୁଥିଲେ। ସ୍କୁଲର କମିଟି ବାରମ୍ବାର ଥୋମାସଙ୍କୁ ଦାୟୀତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ନିତ୍ୟାନନ୍ଦ ଦାୟୀତ୍ୱ ନ ଦେବାରୁ ସ୍କୁଲ କମିଟି ଓ ଗ୍ରାମବାସୀ ଗୁରୁବାର ଅପରାହ୍ନରେ ସ୍କୁଲର ମୁଖ୍ୟ ଫାଟକରେ ତାଲା ମାରି ଦେଇଥିଲେ । ଶୁକ୍ରବାର କୁତ୍ରା ବ୍ଲକର ଅତିରିକ୍ତ ବିଡିଓଙ୍କ ହସ୍ତକ୍ଷେପ ପରେ ନିତ୍ୟାନନ୍ଦ ବେହେରା ପ୍ରଧାନଶିକ୍ଷକ ଦାୟୀତ୍ୱ ଥୋମାସ ବିଲୁଙ୍ଗଙ୍କୁ ହସ୍ତାନ୍ତର କରିବା ପରେ ଶୁକ୍ରବାର ମଧ୍ୟାହ୍ନ୧୨ଟାରେ ଗ୍ରାମବାସୀ ମୁଖ୍ୟ ଫାଟକ ତାଲା ଖୋଲି ଦେଇଥିଲେ।

## ସୂଚନା ଆଇନକୁ ବେଖାତିର ପ୍ରଦାନ କରାଯାଉଛି ଭୂଲ, ଅସମ୍ପୂର୍ଣ୍ଣ ସୂଚନା

**ହେମଗିର, ୬।୧୨ (ଡି.ଏନ.ଏ)**

ପ୍ରତ୍ୟେକ ସ୍ତରରେ ସ୍ୱଚ୍ଛତା ରକ୍ଷା କରିବା ସହ ଜନସାଧାରଣଙ୍କୁ ଅନ୍ଧାରରେ ନ ରଖିବା ପାଇଁ ସୂଚନା ଅଧିକାର ଆଇନ ୨୦୦୫ ପ୍ରଣୟନ କରାଯାଇଛି। କିନ୍ତୁ କିଛି ଖଳ ପ୍ରକୃତିର କର୍ମଚାରୀ ଦୁର୍ନୀତିକୁ ଘଣ୍ଟଘୋଡାଇବା ସକାଶେ ଆଇନକୁ ବେଖାତିର କରି ଲୋକଙ୍କୁ ଭୁଲ ଓ ଅସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରାଯାଉଥିବା ଦେଖାଯାଇଛି । ଏପରି ଘଟଣା ହେମଗିର ବ୍ଲକରେ ଦେଖାଯାଇଛି। ଗତ ସେପ୍ଟେମ୍ବର ୨୫ ତାରିଖରେ ରୁଦ୍ରପ୍ରସାଦ ଦଣ୍ଡସନା ଟପରିଆ ପଞ୍ଚାୟତର ସରକାରୀ ଖାଉଟି ସାମଗ୍ରୀ ଉପରେ ସୂଚନା ପ୍ରଦାନ ପାଇଁ ଆବେଦନ କରିଥିଲେ । କିନ୍ତୁ ତିରିଶ ଦିନ ଭିତରେ ସୂଚନା ପ୍ରଦାନ ନ କରିବାରୁ ପୁନରାୟ ପ୍ରଥମ ଅପିଲିୟ ଅଧିକାରୀ ହେମଗିରଙ୍କଠାରେ ଅପିଲ କରିଥିଲେ । ଏନେଇ ଗତ ଡିସେମ୍ବର ୫ ତାରିଖରେ ଏହାର ଶୁଣାଣି କରାଯାଇଥିଲା । ସେ ଦିନ ଟପରିଆପଞ୍ଚାୟତର ପିଇଓ ସଂଗ୍ରାମ ସିଂ ପ୍ରଥମ ଅପିଲିୟ ଅଧିକାରୀ ଶଚିଦାନନ୍ଦ ପଟେଲଙ୍କ ସମ୍ମୁଖରେ ମଗାଯାଇଥିବା ସୂଚନାର ଅସମ୍ପୂର୍ଣ୍ଣ ଓ ଭୁଲ ତଥ୍ୟ ପ୍ରଦାନ କରିଥିଲେ। ଏହି ଅସମ୍ପୂର୍ଣ୍ଣ ତଥ୍ୟ ପାଇଁ ପ୍ରଥମ ଅପିଲିୟ ଅଧିକାରୀ ପଟେଲଙ୍କ ମତାମତ ଲୋଡିବାରୁ ସେ ସମ୍ପୂର୍ଣ୍ଣ ତଥ୍ୟ ପାଇବାକୁ ହେଲେ ଆଉ ଥରେ ଦରଖାସ୍ତ କରିବାକୁ ପଡିବ ବୋଲି କହିଥିଲେ । ସୂଚନା ପ୍ରଦାନ ପାଇଁ ସମ୍ପୃକ୍ତ ପିଇଓ ସିଂ ବାବୁ ସୂଚନା ପ୍ରଦାନରେ ଆବଶ୍ୟକ ଦେୟ ଠାରୁ ଅଧିକ ଅର୍ଥ ଦାବି କରି ନେଉଛନ୍ତି । ସୂଚନା ଅଧିକାର ଆଇନର ଉଲଂଘନ ହେଉଥିଲେ ହେଁ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

## ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ସମ୍ବିଧାନ ଦିବସ

**ସୁନ୍ଦରଗଡ଼, ୬।୧୨ (ଡି.ଏନ୍.ଏ)**

ଭାଜପା ଜିଲା ଅନୁସୂଚିତ ଜାତିମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲା ଭାଜପା କାର୍ଯ୍ୟାଳୟଠାରେ ଜିଲା ଅନୁସୂଚିତ ମୋର୍ଚ୍ଚାର ସଭାପତି ବିକ୍ରମ ପାଣ୍ଡବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଭୋଇ, ଭାଜପା ଜାତୀୟ ଅନୁସୂଚିତ ମୋର୍ଚ୍ଚା ସଦସ୍ୟ ବିଶ୍ୱଜିତ ତନ୍ତୀ, ସହଦେବ ଖାଖା, ଡା. ହିମାଂଶୁ ଷଡଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାବା ସାହେବ ଆମ୍ବେଦକରଙ୍କ ଜୀବନୀ ଓ ସାମ୍ବିଧାନିକ ଅଧିକାର ଉପରେ ଆଲୋଚନା କରିଥିଲେ। ଭେଷଜ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୀନା ନାଏକ ଧନ୍ୟବାଦ ଦେଇଥିଲେ। ସୁନିଲ ଖର୍ସେଲ, ପରିକ୍ଷିତ ସା, ରଜତ କର, ସୁନୀଲ ମହାନନ୍ଦ, ମହେଶ ତନ୍ତୀ, କିଶୋର ମହାନନ୍ଦିଆ, ବୈରାଗୀ ତନ୍ତୀ, ସୁଶୀଲ ବାଗ୍, ରାଜା କାକ, କିରଣ ମହାଲିଙ୍ଗ, କାନନବାଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବିଧାନ ଦିବସ ପାଳନ ଅବସରରେ ଭାଜପା ନେତା, ବିଧାୟକ ମଞ୍ଚାସୀନ।

# ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ବିକାଶ ପାଇଁ ପଦକ୍ଷେପ

**ସୁନ୍ଦରଗଡ, ୬।୧୨ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲାରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ବିକାଶ ସହ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହିତ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଓ ଦୁର୍ଗମ ଅଞ୍ଚଳରେ ଥିବା ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆ ଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସରୋଜ କୁମାର ମିଶ୍ର ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜିଲାମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ସୂଚନା ଦେଇ ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି ଯେ, ଜିଲା ସଦରମହକୁମା ସ୍ଥିତ ମୁଖ୍ୟ ଡାକ୍ତରଖାନାରେ ନୂତନ କାଜୁଆଲିଟୀ ଓ୍ୱାର୍ଡ୍, ଖାଦ୍ୟର ମାନ ଯାଞ୍ଚ ପାଇଁ ସ୍ୱତନ୍ତ୍ର ଖାଦ୍ୟ ପରୀକ୍ଷାଗାର, ନୂତନତାଲିମ କେନ୍ଦ୍ର, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଓ୍ୱାର୍ଡ ନିର୍ମାଣ ଓ ଟ୍ରମାକେୟାର ସେଣ୍ଟର ନିର୍ମାଣ କରାଯିବ। ବର୍ତ୍ତମାନ ଜିଲା ମୁଖ୍ୟ ଡାକ୍ତରଖାନାରେ ସ୍ୱତନ୍ତ୍ର ଡାୟୋଲିସିସ ସେଣ୍ଟରରେ ୭ଟି ମେଶିନ୍ ଥିବା ବେଳେ ହେପାଟାଇଟିସ୍ ଓ ଏଡସ୍ ରୋଗୀଙ୍କ ଡାଇଲିସିସ ପାଇଁ ଆଉ ୨ଟି ମେଶିନ୍ ଯୋଗାଇ ଦିଆଯିବା ସହ ରାଉରକେଲା ଜେନେରାଲ ହସ୍ପିଟାଲରେ ଡାଇଲିସିସ୍ ସେଣ୍ଟର ଖୋଲଯାଇ ୭ଟି ମେଶିନ୍ ଯୋଗାଇ ଦିଆଯିବ। ନିଦାନ ଜରିଆରେ ରୋଗୀ ମାନଙ୍କର ବିଭିନ୍ନ ପରୀକ୍ଷା ସକାଶେ ଉନ୍ନତମାନେ ଯନ୍ତ୍ରପାତି ଓ ଅନ୍ୟାନ୍ୟ ଉପକରଣ ବ୍ୟବସ୍ଥା ହୋଇଥିବା ସୂଚନା ଦେଇଛନ୍ତି। ଏଥି ମଧ୍ୟରେ ଡିଏମ୍ଏଫ ଅନୁଦାନରେ ୭ଟି ଡିଜିଟାଲ ଏକ୍ସରେ ମେଶିନ୍ ଯୋଗାଇ ଦେବାପାଇଁ ପ୍ରସ୍ତାବ ରହିଛି ବୋଲି କହିଥିଲେ। ନିରାମୟ ଯୋଜନାରରେ ରୋଗୀମାନଙ୍କୁ ୨୬୩ ପ୍ରକାର ମାଗଣା ଔଷଧ ଯୋଗାଇ ଦିଆଯାଉଛି । ଖଣି ପ୍ରଭାବିତ ଓ ଦୁର୍ଗମ ଅଞ୍ଚଳରେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ସହ ୧୧ଟି ବାଇକ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା କରାଯାଇଛି। ଜିଲାଖଣିଜ ପ୍ରତିଷ୍ଠାନ ଫାଣ୍ଠିରୁ ଜିଲାରେ ୨୦ଜଣ ଡାକ୍ତର, ୫ଜଣ ବିଶେଷଜ୍ଞ ଓ ୨୩ଜଣ ଦନ୍ତ ଚିକିତ୍ସକଙ୍କୁ ନିଯୁକ୍ତି ଦିଆଯାଇଛି। ଡାକ୍ତର ମାନଙ୍କର ସୁରକ୍ଷା ବ୍ୟବସ୍ଥା ପାଇଁ ଏହି ପାଣ୍ଠିରୁ ୧୨ ଜଣ ସୁରକ୍ଷା କର୍ମୀ ଓ ୩ଜଣ ସୁରକ୍ଷା ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଜିଲାମୁଖ୍ୟ ଡାକ୍ତରଖାନା ସମେତ ରାଉରକେଲା ଜେନେରାଲ ହସ୍ପିଟାଲରେ ୮୨ ଜଣ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ନଭେମ୍ବର ୧୯ ସୁଦ୍ଧା ଜିଲାର ବିଭିନ୍ନ ଡାକ୍ତରଖାନାର ଆଉଟ ଡୋରରେ ୨୬ ହଜାର ୨୩୫ ଜଣ ରୋଗୀ ଓ ଇନଡୋରରେ ୩ହଜାର ୩୮୬ ଜଣ ରୋଗୀଙ୍କୁ ନିରାମୟ ଯୋଜନାରେ ଔଷଧ ବିତରଣ ଜରାଯାଇଛି। ସେହିପରି ଡେଙ୍ଗୁ ମ୍ୟାଲେରିଆକୁ ନିରାକରଣ ପାଇଁ ପଦକ୍ଷେପ ନିଆଯାଇଛି । ଗର୍ଭବତୀ ଓ ପ୍ରସୂତି ମହିଳା ମାନଙ୍କୁ ସହାୟତା ପାଇଁ ଜିଲାରେ ଗ୍ରାମାଞ୍ଚଳରେ ୨୨୬୩ ଓ ସହରାଞ୍ଚଳରେ ୧୬୬ଜଣ ଆଶା କର୍ମୀ ନିଯୁକ୍ତ ହୋଇଛନ୍ତି। ଜିଲାର ୧୭ଟି ବ୍ଲକ ପାଇଁ ଗାଁ କଲ୍ୟାଣ ସମିତି ପାଇଁ ବାର୍ଷିକ ୧୦ହଜାର ଟଙ୍କା ଲେଖାଏଁ ମୋଟ ୧୬୫୭ ଗୋଟି ଗାଁ କଲ୍ୟାଣ ସମିତିକୁ ୧,୬୫,୭୦୦୦୦,୦୦ ଟଙ୍କା ଯୋଗାଇ ଦିଆଯାଇଛି । ଏତଦ୍ ବ୍ୟତୀତ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଶ୍ରବଣ ବାଧିତ ଶିଶୁ ମାନଙ୍କୁ ଡିଜିଟାଲ ଶ୍ରବଣ ଯନ୍ତ୍ର ଯୋଗାଇ ଦିଆଯାଇଛି ।ସେହିପରି ବକ୍ରପାଦ ଶିଶୁ ମାନଙ୍କୁ ଅପରେସନ ସୁବିଧା କରାଯାଇଛି । ଜିଲାରେ ସୁନେତ୍ର ଯୋଜନାରେ ଚକ୍ଷୁରୋଗୀମାନଙ୍କର ମାଗଣା ଚକ୍ଷୁ ପରୀକ୍ଷା ଓ ଅସ୍ତ୍ରପୋଚାର କରାଯାଇ ଚଷମା ପ୍ରଦାନ କରାଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ଗରିବ ଲୋକଙ୍କୁ ଚିକିତ୍ସା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି । ଏହି ଖବରଦାତା ସମ୍ମିଳନୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଦୀପକ କୁମାର ମହାନ୍ତି, ଡା. ପୂର୍ଣ୍ଣଚନ୍ଦ୍ର ସାହୁ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡ. ପ୍ରତାପ କୁମାର ନାଏକ, ଡା. ପ୍ରହଲ୍ଲାଦ କୁମାର ପାଣ୍ଡବ, ଡା. ଅଲେଖ ଚନ୍ଦ୍ର ମହାପାତ୍ର, ଡା. ବୀରକିଶୋର ପଟେଲ, ଡା. ଶିଶିର କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପ୍ରମୁଖ ଉପସ୍ଥିତ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ଅବସର ସଂଘ ଭବନରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ରାଉରକେଲା ଅଫିସ, ୬।୧୨-** ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘ ପରିସର ମଧ୍ୟରେ ଶୁକ୍ରବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କୋଲକାତା ସ୍ଥିତ ଦିଶନ ସୁପର ସ୍ପେଶାଲିଟି ହସ୍ପିଟାଲର ହୃଦରୋଗ ବିଶେଷଜ୍ଞ ଡା. ଏସ୍.କେ. ପାତ୍ର ଓ ମଧୁସୂଦନ ରାୟ ଯୋଗଦେଇ ୧୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାସହ ରେନଡମ ରକ୍ତ ଶର୍କରା, ରକ୍ତଚାପ, ଇସିଜି ଏବଂ ଇକୋ ଟେଷ୍ଟ ମଧ ମାଗଣାରେ କରାଯାଇଥିଲା। କୋଲକାତାରୁ ଆସିଥିବା ୯ଜଣ ପାରାମେଡିକାଲ ଷ୍ଟାଫ ଏଥିରେ ସହଯୋଗ କରିଥିଲେ। ଡାକ୍ତରମାନେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ଶିବିରକୁ ସୁପରିଚାଳନା ପାଇଁ ଡାକ୍ତରଖାନାର ମାର୍କେଟିଂ ଅଫିସର ଅମିତ ଝା ଓ ଜାଭେଦ ଅଲୀ ଖାନ ସହଯୋଗ କରିଥିଲେ। ଅନୁଷ୍ଠାନର ସଭାପତି ଇଂ ଅଭୟ ଦାସ, ସାଧାରଣ ସମ୍ପାଦକ କପିଳେଶ୍ୱର ମହାରଣା, ଅରବିନ୍ଦ ପାତ୍ର, ଅନିରୁଦ୍ଧ ଦାସ, ସଚିଦାନନ୍ଦ ମିଶ୍ର, ପ୍ରେମାନନ୍ଦ ସାମଲ, ପ୍ରଫୁଲ୍ଲ ସିଂ, ବିଷ୍ଣୁ ଚରଣ ନାୟକ, ଶତୃଘ୍ନ ଜେନା, ଜଗନ୍ନାଥ ମହନ୍ତ ପ୍ରମୁଖ ସହଯୋଗ କରିଥିଲେ।

### ଆର୍‌ଜିଏଚ ପରିସରରୁ ବେଆଇନ ଗଛକଟା ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

# ବନଖଣ୍ଡ ଅଧିକାରୀଙ୍କଠାରେ କଂଗ୍ରେସର ଏତାଲା

**ରାଉରକେଲା ଅଫିସ, ୬।୧୨**

ରାଉରକେଲା ସରକାରୀ ଡାକ୍ତରଖାନା ପରିସରରୁ ଗତ ୨/୪ ଦିନ ମଧ୍ୟରେ ବେଆଇନ ଭାବେ କଟାଯାଇଥିବା ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଗଛ ବାବଦରେ ଶୁକ୍ରବାର କଂଗ୍ରେସ ତରଫରୁ ରାଉରକେଲା ବନଖଣ୍ଡ ଅଧିକାରୀଙ୍କ ନିକଟରେ ଏତାଲା ଦାୟର କରାଯାଇଛି। ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଏହି ଏତାଲା ଦାୟର କରିଥିଲେ। ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ବୀରେନ ସେନାପତି, ରାମାନନ୍ଦ ଶ୍ରୀଚନ୍ଦନ, ସନ୍ତୋଷ ବିଶ୍ୱାଳ, ରୋହିତ ଯୋଶେଫ ତିର୍କୀ, ସୁନୀଲ ପଟ୍ଟନାୟକ, କୈଳାସ ସାହୁ, ନିରୁପମା ବଳିୟାର ସିଂ, ବିନୋଦ ରାଉତ, ନିହାର ଦାସ, ସରସ୍ୱତୀ ଭୂମିଜ, ବିଜୟ ଆପଟ, ରତିକାନ୍ତ ମଲ୍ଲିକ, ସୂର୍ଯ୍ୟକାନ୍ତ ବାରିକ, ଜ୍ଞାନେନ୍ଦ୍ର ଦାସ, ଦିଲୀପ ଲାହିରି, ବିଶ୍ୱଜିତ ସାହୁ, ରଞ୍ଜିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଆର୍‌ଜିଏଚ ପରିସରରୁ ବିନା କାରଣରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଗଛ କଟା ଯାଇ ଲୁଟ କରାଯାଇଛି ବୋଲି ଏତାଲାରେ ଦର୍ଶାଯିବା ସହିତ ଏଥିରେ ଡାକ୍ତରଖାନାର ଡାଇରେକ୍ଟର, ସୁପରିଟେଣ୍ଡେଣ୍ଟ ଓ ଡେପୁଟି ସୁପରିଟେଣ୍ଡେଣ୍ଟଙ୍କୁ ଅଭିଯୁକ୍ତ ବୋଲି ଦର୍ଶାଯାଇଛି। ଏହାସହ ଲୁଟ ହୋଇଥିବା



ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ସହିତ କର୍ମୀମାନେ।

କାଠରୁ ମୂଲ୍ୟ ଆନୁମାନିକ ୧୦ଲକ୍ଷ ଟଙ୍କା ବୋଲି ଦର୍ଶାଯାଇଛି। ଏହାସହ ପାନପୋଷ ରେଞ୍ଜର ଏହି ଗଛକଟା ଓ କାଠ ଚୋରି ଘଟଣାରେ ସହଯୋଗ କରିଥିବା ନେଇ ଅଭିଯୋଗ କରାଯିବା ସହ ନିଲମ୍ବନ କରିବା ପାଇଁ ଦାବି କରାଯାଇଛି। ଆର୍‌ଜିଏଚ କର୍ତ୍ତୃପକ୍ଷ ୯/୭/୧୯ ଚିଠି ସଂଖ୍ୟା ୬୨୯ରେ ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସୁଥିବା ଡାକ୍ତରଖାନା ପରିସରରେ ଥିବା ଗଛ ଗୁଡ଼ିକର ଡାଳ ଗୁଡ଼ିକୁ କାଟିବା ପାଇଁ ଅନୁମତି ମାଗିଥିଲେ। ଏଥିପାଇଁ ବନଖଣ୍ଡ ଅଧିକାରୀ ଗତ ୨୬।୮।୧୯ ଚିଠି ସଂଖ୍ୟା ୪୭୨୮ରେ ଅନୁମତି ଦେବା ସହ ପାନପୋଷ ରେଞ୍ଜ ଅଫିସରଙ୍କ ନିର୍ଦ୍ଦେଶକ୍ରମେ ଡାଳ ଗୁଡ଼ିକୁ କଟାଯାଇ ବାହାର କରାଯିବ ବୋଲି କୁହାଯାଇଥିଲା। ତେବେ ଡାକ୍ତରଖାନା ପରିସରରୁ କଟାଯାଇଥିବା ଗଛ ଗୁଡ଼ିକ ପାର୍ଶ୍ୱ ଦେଇ କିମ୍ବା ଉପରେ ୧୧କେଭି ତାର ଆଦୌ ନ ଥିବା ବେଳେ ବିନା ସରଜମିନ ତଦନ୍ତରେ କିପରି ଡାଳ କାଟିବା ପାଇଁ ଅନୁମତି ଦିଆଗଲା ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଏପରିକି ଡାଳ କାଟିବା ପରିବର୍ତ୍ତେ ସମ୍ପୂର୍ଣ୍ଣ ଗଛକୁ କାଟି କାଠ ପାର କରାଯାଇଥିବା ଏବଂ ଏଥିରେ ପାନପୋଷ ରେଞ୍ଜର ସିଧାସଳଖ ସମ୍ପୃକ୍ତ ବୋଲି ଅଭିଯୋଗ କରାଯାଇଛି। କଂଗ୍ରେସ ତରଫରୁ ଡାକ୍ତରଖାନା ସୁପରିଟେଣ୍ଡେଣ୍ଟଙ୍କ ନିକଟରେ ବେଆଇନ ଗଛକଟାକୁ ନେଇ ଅଭିଯୋଗ କରାଯାଇଥିଲେ ମଧ ଗଛ କଟାଯିବା ଘଟଣାରେ ଡାକ୍ତରଖାନା କର୍ତ୍ତୃପକ୍ଷ ଏତାଲା ଦେବାକୁ ପ୍ରତିଶ୍ରୁତି ଦେଇ ପୂରଣ ନ କରିବା ସିଧାସଳଖ ଏହି ବେଆଇନ କାର୍ଯ୍ୟରେ ତାଙ୍କର ସମ୍ପୃକ୍ତି ଥିବା ପ୍ରମାଣିତ ହେଉଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏଣୁ ତୁରନ୍ତ ଉକ୍ତ ବେଆଇନ ଗଛକଟା ଓ କାଠଚୋରି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତାଲାରେ ଉଲ୍ଲେଖ କରାଯାଇଛି। ଏହାସହ ୩ ଦିନ ଭିତରେ ବିଭାଗୀୟ କର୍ତ୍ତୃପକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତାହାହେଲେ ଦଳ ତରଫରୁ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ସିଭିଲ ଡିଫେନ୍ସ ଓ ହୋମଗାର୍ଡ ପକ୍ଷରୁ ପ୍ରତିଷ୍ଠା ଦିବସ

**ରାଉରକେଲା ଅଫିସ, ୬।୧୨**

ସିଭିଲ ଡିଫେନ୍ସ ଓ ହୋମଗାର୍ଡ ପକ୍ଷରୁ ୫୭ତମ ବାର୍ଷିକୋତ୍ସବ ତଥା ପ୍ରତିଷ୍ଠା ଦିବସ ସ୍ଥାନୀୟ ଉଦିତନଗର ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ ସହ ପ୍ୟାରେଡ ପରିଦର୍ଶନ କରିଥିଲେ। ଏହି ଅବସରରେ ଜଲାନ ଉଭୟ ଅନୁଷ୍ଠାନର କର୍ମକର୍ତ୍ତା ଅବିରତ ଓ ନିଷ୍ଠାପରତା ସହ ଜନସାଧାରଣଙ୍କ ସେବାରେ ନିୟୋଜିତ ହୋଇ ଦୀର୍ଘ ୫୭ବର୍ଷ ଧରି ସଫଳତାର ସହ କାର୍ଯ୍ୟ କରିଥିବାରୁ ଅଭିନନ୍ଦନ ଜଣାଇଥିଲେ। ଏହାସହ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ହୋମଗାର୍ଡ ଡିଜି ଓ ଅଗ୍ନିଶମ ଡିଆଇଜିଙ୍କ ଅଭିନନ୍ଦନ ବାର୍ତ୍ତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ହୋମଗାର୍ଡ, ସିଭିଲ ଡିଫେନ୍ସ ଓ ଆର୍‌ଏସ୍‌ପିର ମୋଟ ୮ଟି ଦଳ ପରେଡରେ ସାମିଲ ଥିଲେ। ଶ୍ରେଷ୍ଠ ହୋମଗାର୍ଡ ଭାବେ ବିଷ୍ଣୁଚରଣ ଭୁଜବଲ, ଶ୍ରେଷ୍ଠ ମହିଳା ହୋମଗାର୍ଡ ଭାବେ ଆନନ୍ଦାମଣି ଟୁଟିଙ୍କୁ ଉଲ୍ଲେଖନୀୟ ସେବା ପାଇଁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ ଭାବେ ନରେଶ ଜେନା ଓ ଚାନ୍ଦନୀ ଓରାମଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍କୁଲ ଓ କଲେଜ ସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ସିଭିଲ ଡିଫେନ୍ସ, ହୋମଗାର୍ଡ ଓ ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଯେଦୁଲା ବିଜୟ, ଏସପି କେ.ଶିବା ସୁବାମଣୀ, ବେସାମରିକ ପ୍ରତିରକ୍ଷା ସଙ୍ଗଠନ ଅଧିକାରୀ ଅର୍ଜ୍ଜୁନ ଚରଣ ମାଝୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ପ୍ରମୁଖଙ୍କ ସମେତ ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନର ଅଧିକାରୀ ମାନେ ଯୋଗଦେଇଥିଲେ। ରୁଦ୍ର ପ୍ରତାପ ପ୍ରଦାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଓଡ୍ରାଫ୍ ପକ୍ଷରୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବେଲପାହାଡ଼, ୬।୧୨ (ଡ଼ି.ଏନ୍.ଏ)**

ଝାରସୁଗୁଡ଼ାସ୍ଥିତ ଓଡ଼ିଶା ଡିଜାଷ୍ଟର ରାପିଡ଼ ଆକ୍ସନ ଫୋର୍ସ (ଓଡ୍ରାଫ୍) ଶାଖା ପକ୍ଷର ବେଲପାହାଡ଼ ପୌରପରିଷଦ ପରିସରରେ ଶୁକ୍ରବାର ପୂର୍ବାହ୍ନରେ ଏକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ୍ରାଫ ଦଳ ପ୍ରାକୃତିକ ବିପର୍ଯ୍ୟୟ ଓ ଦୁର୍ଘଟଣା ସମୟରେ କରାଯାଉଥିବା ଉଦ୍ଧାର କାର୍ଯ୍ୟ ବିଷୟରେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଏଥିସହିତ କିଭଳି ଉପାୟ ଅବଲମ୍ବନ କଲେ ନିଆଁ ଲାଗିଥିବା ଗୃହ, ଦୁର୍ଘଣାଗ୍ରସ୍ତ ଯାନବାହନ, ବନ୍ୟା ଓ ଭୂମିକମ୍ପ ପ୍ରଭାବିତ ଘର ଭିତରୁ ଲୋକଙ୍କ ଜୀବନ ରକ୍ଷା କରାଯାଇପାରିବ ବୁଝାଇଥିଲେ। ଏଥିସହିତ ବ୍ରଜପାତରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଝାରସୁଗୁଡ଼ାସ୍ଥିତ ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ସବ୍‌ଇନ୍ସପେକ୍ଟର ସାଗର କୁମାର ଯୋଶୀଙ୍କ ନେତୃତ୍ୱରେ ପି.ବି. ତୋମାଙ୍ଗ, ବି. ଗୁରୁଙ୍ଗ, ଜେ.କେ.ଜେ ଲିମ୍ବୁ, ଏଚ୍.ବି. ଛତ୍ରି, ଆର.ବି. ଶ୍ରେଷ୍ଠ, ଏସ୍.ବି.ଥାପ୍ପା ଓ ବି.ଆର୍.ମଗରଙ୍କ ସମେତ ୧୦ ଜଣ ଓଡ୍ରାଫ ଦଳର ଯବାନ ବିପର୍ଯ୍ୟୟ ମୁକାବିଲା ସମୟରେ ବ୍ୟବହୃତ ହେଉଥିବା ହୋଲୋମିଟର, ବୁଲେଟଚେନ,ସ୍ପ୍ଲାଇଡ଼ର, ବ୍ରାଂଚ୍ କଟର ଓ ହ୍ରାଇଡ୍ରୋଲିକ କଟର୍ ଆଦି ସୁରକ୍ଷା ଉପକରଣର କାର୍ଯ୍ୟକାରିତା ପ୍ରଦର୍ଶନ କରିଥିଲେ। ଏହିସବୁ ଉପକରଣ ମାଧ୍ୟମରେ କିପରି ଧନଜୀବନ ସୁରକ୍ଷା କରାଯାଇପାରିବ କୌଶଳ ପ୍ରଦର୍ଶନ କରିଥିଲେ। ପୌରପରିଷଦ ଅଧକ୍ଷ ପର୍ଶୁରାମ ସାହୁ ଓ ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀଙ୍କ ସମେତ ସମସ୍ତ ପୌର କର୍ମଚାରୀ ଓ ଉପସ୍ଥିତ ଲୋକେ ଆୟୋଜିତ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ବିଶ୍ୱ ହିନ୍ଦୁ ପରିଷଦର ହିତଚିନ୍ତକ ଅଭିଯାନ

**ସିନାପାଲି,୬।୧୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ବିଶ୍ୱହିନ୍ଦୁ ପରିଷଦ ସିନାପାଲି ପ୍ରଖଣ୍ଡ ଆନୁକୂଲ୍ୟରେ ହିତଚିନ୍ତକ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସତସଙ୍ଗ କାର୍ଯ୍ୟକ୍ରମ ମଧ ହୋଇଥିଲା। ବର୍ତ୍ତମାନ ପରିସ୍ଥିତିରେ ହିନ୍ଦୁ ଧର୍ମର ସୁରକ୍ଷା ସହିତ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଓ ଏହାର ହିତଚିନ୍ତକ ସୃଷ୍ଟି କରିବା ଉଦେଶ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଖିଳ ଭାରତୀୟ ସତସଙ୍ଗ ପ୍ରମୁଖ ଡ. ବସନ୍ତ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ହିନ୍ଦୁ ଧର୍ମର ବିଭିନ୍ନ ଦିଗ ଉପରେ ଉଦ୍‌ବୋଧନ ଦେଇଥିଲେ। ଅବିଭକ୍ତ କଳାହାଣ୍ଡି ଜିଲା ବିଶ୍ୱ ହିନ୍ଦୁ ପରିଷଦର ସଙ୍ଗଠନ ମନ୍ତ୍ରୀ ସତ୍ୟନାରାୟଣ ଥନାପତି, ନୂଆପଡା ଜିଲା ବଜରଙ୍ଗ ଦଳ ସଂଯୋଜକ ଉଜ୍ୱଳ ତିୱାରୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। କଳାହାଣ୍ଡି ବିଭାଗ ସମ୍ପାଦକ ଶ୍ରୀମୋହନ ଚରଣ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ତୁଳସୀରାମ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନରହରି ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ନବୀନ ମେହେର, ସତ୍ୟବ୍ରତ ଗହୀର, ବୈଷ୍ଣବ ମେହେର, ଗୌତମ ମେହେର, ପ୍ରମୁଖ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ତଥା ଶୁଭେଚ୍ଛୁ ଉପସ୍ଥିତ ଥିଲେ।

# ଅଙ୍ଗୀକାର ଅଭିଯାନ ପାଇଁ ସଚେତନତା ସଭା

**ବେଲପାହାଡ଼,୬।୧୨ (ଡ଼ି.ଏନ୍.ଏ)**

କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଭାର୍ଥୀମାନଙ୍କ ସାମାଜିକ ଚଳଣିରେ ପରିବର୍ତ୍ତନ ପାଇଁ ସାରା ଦେଶର ସହରାଞ୍ଚଳରେ ଅଙ୍ଗିକାର ନାମରେ ଏକ ଅଭିଯାନ ଆରମ୍ଭ ହୋଇଛି। ଏଥିସହିତ ଅଙ୍ଗିକାର ଅଭିଯାନର ସଫଳତା ପାଇଁ ହିତାଧିକାରୀମାନଙ୍କୁ ଜଳ ଓ ବିଦ୍ୟୁତ ସଂରକ୍ଷଣ, ଆବର୍ଜନା ପରିଚାଳନା, ସୁସ୍ଥ୍ୟ ଓ ସ୍ୱଚ୍ଛତା, ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପ୍ରଣାଳି ଉପରେ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରପରିଷଦ ସଭାଗୃହରେ ଆବାସ ଯୋଜନା ହିତାଧିକାରୀମାନଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିବା ଶତାଧିକ ଆବାସ ହିତାଧିକାରୀ ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରୁ ଘର ନିର୍ମାଣ କରିସାରିଥିବା କେତେକ ହିତାଧିକାରୀ ଯୋଜନାର ସଫଳତା ଓ ଉପକାରିତା ଉପରେ ନିଜ ନିଜର ଅନୁଭୂତି ପ୍ରକାଶ କରିଥିଲେ। ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ ଓ ପୌରଯନ୍ତ୍ରୀ ସଙ୍ଗିତା ମାଧୁରୀ ତିର୍କୀ ସଭାରେ ଯୋଗ ଦେଇ ଅଙ୍ଗିକାର ଅଭିଯାନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆବାସ ହିତାଧିକାରୀମାନଙ୍କୁ ଅବଗତ କରିଥିଲେ। ସୂଚନାଯୋଗ୍ୟ, ବେଲପାହାଡ଼ ପୌରାଞ୍ଚଳରେ ଆବାସ ଯୋଜନାରେ ମୋଟ ୧୩୧୨ଟି ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିମଧ୍ୟରୁ ୧୫୦ଟି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇସାରିଛି। ୪୫ ଜଣ ହିତାଧିକାରୀ ଧାର୍ଯ୍ୟ ସମୟ ୧୨୦ ଦିନ ମଧ୍ୟରେ ଗୃହ ନିର୍ମାଣ କରିଥିବାରୁ ସେମାନଙ୍କୁ ଗୃହ ପ୍ରକଳ୍ପ ଖର୍ଚ୍ଚ ୨ ଲକ୍ଷ ଟଙ୍କା ସହିତ ଅତିରିକ୍ତ ୨୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

### ଜିଲାସ୍ତରୀୟ ଆଥ୍‌ଲେଟିକ ମିଟ୍ ଉଦ୍‌ଘାଟିତ

# କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହ, ପ୍ରେରଣା ଦେଲେ ମନ୍ତ୍ରୀ

**ବ୍ରଜରାଜନଗର, ୬।୧୨ (ଡି.ଏନ.ଏ.)**

ସ୍ଥାନୀୟ ମଣ୍ଡଳିଆସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲାସ୍ତରୀୟ ଆଥ୍‌ଲେଟିକ ମିଟ୍ ଉଦ୍‌ଘାଟନ କରାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଜିଲାର ପ୍ରତିଭାବାନ କ୍ରୀଡାବିତଙ୍କୁ ରାଜ୍ୟସ୍ତରକୁ ଯିବାକୁ ହେଲେ ପରିଶ୍ରମ କରିବାକୁ ପଡିବ ଓ କ୍ରୀଡା ଉପରେ ମନୋନିବେଶ କରିବାକୁ ହେବ ବୋଲି ମନ୍ତ୍ରୀ ପରାମର୍ଶ ଦେଇଥିଲେ। ରାଜ୍ୟ



ମଣ୍ଡଳିଆସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲାସ୍ତରୀୟ ଆଥ୍‌ଲେଟିକ ମିଟ୍ ଉଦ୍‌ଘାଟନରେ ମନ୍ତ୍ରୀ ଭାଷଣ ଦେଉଛନ୍ତି।

ସରକାର କ୍ରୀଡାବିତମାନଙ୍କ ପାଇଁ ଅନେକ ଯୋଜନା ପ୍ରସ୍ତୁତ କରିଥିବା ମନ୍ତ୍ରୀ ପ୍ରକାଶ କରିଥିଲେ । ଇବ୍‌କ୍ଷେତ୍ର ମହାପ୍ରବନ୍ଧକ ମଧୁସୂଦନ ଶର୍ମା ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ବ୍ରିଜେଶ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜୀବନ ମହାନ୍ତି ଧନ୍ୟବାଦ ଦେଇଥିଲେ । ତାପସ ରାଏ ଚୌଧୁରୀ ନିଜର ମତ ରଖିଥିଲେ। ଏସ.କେ. ପାଇକରାୟ, ଏସ.କେ. ଜଗଦେବ, ଶିବ ପ୍ରଧାନଙ୍କ ସହିତ ୨୯ଜଣ ଖେଳ ଶିକ୍ଷକ ପରିଚାଳନା କରିଥିଲେ। କମ୍ପାଉଣ୍ଡର ବେହେରାଙ୍କ ତତ୍ତ୍ୱାବଧାନରେ କୈଳାଶ ନାୟକ, ଦୟାନିଧି ନାୟକ, ନକୁଳ ଯାଦବ, ପ୍ରତିଭା ମହାପାତ୍ର ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

### ମିଳିଲାନି ନ୍ୟାୟ, ନ ଥିଲା ବିଭାଗୀୟ ସହଯୋଗ

# ଶେଷରେ ଆଖିବୁଜିଲେ ଯବାନ କୃଷ୍ଣଚନ୍ଦ୍ର

**ଭୁବନେଶ୍ୱର, ୬।୧୨ (ବ୍ୟୁରୋ)**

- ଆହା କହିବାକୁ ଆସିଲେନି ବିଭାଗୀୟ ଅଧିକାରୀ
- ଅବହେଳା ନେଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲା ଗୃହ ବିଭାଗ

ମିଳିଲାନି ନ୍ୟାୟ, ନ ଥିଲା ବିଭାଗୀୟ ସହଯୋଗ। ଶେଷରେ ବ୍ରେନ୍ ଷ୍ଟ୍ରୋକ୍‌ରେ ଶିକାର ହୋଇ କଟକ ବଡ଼ ମେଡିକାଲର ସେଣ୍ଟ୍ରାଲ ଆଇସିୟୁରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଯବାନ କୃଷ୍ଣଚନ୍ଦ୍ର ମଲ୍ଲିକ ଆଖିବୁଜିଛନ୍ତି। ପୁଅର ଚିକିତ୍ସା ପାଇଁ ସର୍ବସ୍ୱାନ୍ତ ହୋଇଯାଇଥିଲେ। ଏବେ ପୁଅକୁ ହରାଇ ପରବାର ଲୋକେ ପୂରା ଭାଙ୍ଗି ପଡିଛନ୍ତି। କୃଷ୍ଣଚନ୍ଦ୍ରଙ୍କ ପ୍ରତି ହୋଇଥିବା ଅନ୍ୟାୟ ଓ ଅବହେଳା ନେଇ ଗୃହ ବିଭାଗ ଦେଇଥିବା ତଦନ୍ତ ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବାପା ଗଙ୍ଗାଧର ମଲ୍ଲିକ ନାନା ପ୍ରଶ୍ନ ଉଠାଇଛନ୍ତି।

କୃଷ୍ଣଚନ୍ଦ୍ରଙ୍କ ଘର କେନ୍ଦୁଝର ଜିଲାରେ ହୋଇଥିବାବେଳେ ସେ ଓଏସ୍‌ଏପି ୨ୟ ବାଟାଲିୟନର ସୀପାହୀ ହାବିଲଦାର ଏସ୍-୧୬୪ ଭାବେ ରାଉରକେଲା କାଲ୍‌ଟା ଫାଣ୍ଡିରେ କାର୍ଯ୍ୟ କରୁଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ଗତ ମାସ ୩ ତାରିଖରେ କୃଷ୍ଣଚନ୍ଦ୍ର ହଠାତ ଅସୁସ୍ଥ ହେଇପଡିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆ ନ ଯାଇ ଚଞ୍ଚକତା କରି ଛୁଟି ଦରଖାସ୍ତରେ ତାଙ୍କ ଦସ୍ତଖତ ନିଆଯାଇଥିଲା। ବିଳମ୍ବ ଯୋଗୁ ସେ ବ୍ରେନ୍‌ଷ୍ଟ୍ରୋକ୍‌ରେ ଶିକାର ହୋଇ ଅଚେତ ହୋଇପଡିଥିବାବେଳେ ତାଙ୍କ ପକେଟରେ ଉକ୍ତ ଦରଖାସ୍ତକୁ ପୂରାଇ ଦିଆଯାଇଥିଲା। ୫ଘଣ୍ଟା ପରେ ତାଙ୍କୁ କେତେଜଣ ଯବାନ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଛାଡି ପଳାଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ କଟକ ବଡ଼ମେଡିକାଲ ଓ ପରେ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବିଭାଗ ପକ୍ଷରୁ ତାଙ୍କୁ କୌଣସି ଆର୍ଥିକ କିମ୍ବା ଚିକିତ୍ସା ସହାୟତା ମିଳି ନ ଥିଲା। ଏପରି କି କୃଷ୍ଣଚନ୍ଦ୍ରଙ୍କୁ ମେଡିକାଲରେ ଚିକିତ୍ସିତ ହେଉଥିଲେ ମଧ କୌଣସି ଅଧିକାରୀ ଆହା ପଦେ କହିବାକୁ ଆସି ନ ଥିଲେ। ପରିବାର ଲୋକେ ଧାର କରଜ ଓ କୁକୁଡ଼ା ବିକ୍ରି କରି ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପରେ ଅର୍ଥାଭାବରୁ ତାଙ୍କୁ ପୁଣି କଟକ ସ୍ଥାନାନ୍ତର କରିଥିଲେ। ଘଟଣା ସଂକ୍ରାନ୍ତରେ ବାପା ଗଙ୍ଗାଧର ଓ ଗ୍ରାମର କେତେଜଣ ଲୋକ ଗୃହବିଭାଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ପାଇଁ ଗୃହ ବିଭାଗ ଗତ ୨୬ ତାରିଖରେ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ସରିଥିଲେ ମଧ ଜାଲ ଦସ୍ତଖତ ନେଇଥିବା ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି।

### ହମ୍ପ୍‌ସ ଯୋଗୁ ବର୍ତ୍ତିଗଲେ ପୋଲିସ ଏଏସ୍‌ଆଇ

**ଜୁନାଗଡ,୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ବସ୍‌ଷ୍ଟାଣ୍ଡ ୨୬ ନଂ. ଜାତୀୟ ରାଜପଥରେ ଥିବା ଏକ ହମ୍ପ୍‌ସ ଯୋଗୁ ଜଣେ ପୋଲିସ ଏଏସ୍‌ଆଇ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ତାଙ୍କ ନାମ ଦାମ ନାଏକ ଓ ସେ ବ୍ଲକର ଗୌଡଛେଣ୍ଡିଆ ଗ୍ରାମର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଦାମ ଶୁକ୍ରବାର ରାତି ପ୍ରାୟ ସାଢେ ୮ଟାରେ ମୋଟେର ଆଡୁ ଜୁନାଗଡକୁ ବାଇକରେ ଯାଉଥିବାବେଳେ ମହିଚଲା ବସ୍‌ଷ୍ଟାଣ୍ଡଠାରେ ଏକ କାର ସହିତ ତାଙ୍କ ଧକ୍କା ହୋଇଥିଲା। ସେ ଭାରସମ୍ୟ ହରାଇ ସେତେବେଳେ ରାସ୍ତାରେ ପଡ଼ିଯାଉଥିଲେ ଏକ ଚଳନ୍ତା ଟ୍ରକ ତଳେ ବାଇକ ସହ ପଶିଯାଇଥିଲେ। ଟ୍ରକ ହମ୍ପ୍‌ସ ଯୋଗୁ ଉକ୍ତ ସ୍ଥାନରେ ମନ୍ଥର (ସ୍ଲୋ) କରିବାରୁ ସେ ଟ୍ରକ ତଳୁ ବାହାରି ଆସିଥିଲେ। ଖବର ପାଇ ଘଟଣାସ୍ଥଳରେ ଜୁନାଗଡ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ହୃଦ୍‌ଘାତରେ ଶିକ୍ଷକଙ୍କ ମୃତ୍ୟୁ ଅଭିଯୋଗ

**କୋକସରା,୬।୧୨(ଡି.ଏନ.ଏ.)**

କଳାହାଣ୍ଡିଜିଲା କୋକସରା ବ୍ଲକଶିକ୍ଷା ବିଭାଗ ଅଧୀନ ଆମପାଣି କ୍ଲଷ୍ଟର ଡୁମେରବାହାଲ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟରତ ଶିକ୍ଷକ ଡମ୍ବରୁଧର ପୂଝାରୀଙ୍କ ଶୁକ୍ରବାର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ପଠାପଢାଉ ଥିବା ସମୟରେ ହଠାତ୍ ଅସୁସ୍ଥ ଅନୁଭବ କରିବା ପରେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ତୁରନ୍ତ କୋକସରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଡକ୍ତାର ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଶିକ୍ଷକଙ୍କ ଅକାଳମୃତ୍ୟୁରେ ଶିକ୍ଷକ ସଂଘ ପକ୍ଷରୁ ଗଭିର ଶୋକ ବ୍ୟକ୍ତ କରାଯାଇଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

WANTED
Sales Executive & Accountant (Tally) for Marble & Tiles Showroom in Bhubaneswar.
Fresher/ Experience can send CV / Biodata.
Whatsapp No. 8908134571

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ।
Salary: 30,000/-
Qual: 7th to 10th & above
Contact: 8339922964

DIRECT JOIN JOB
JOB LOCATION BBSR+CTC
•CUSTOMER SERVICE
•DATA ENTRY
•RECEPTION (Back/Office)
•SECURITY GUARD
Mob : 9114090108

VIGEN INDIA REQUIRED
BOYS & GIRLS FOR OFFICE JOB
1. ENTERTAINER - 06
2. MANAGER - 04
3. TEAM LEADER - 05
4. CO-ORDINATOR - 10
5. OFFICE STAFF - 05
CONTACT IMMEDIATELY 9348916882
AGE- 18-28 | Edu.- 10th-+3 | FIX SALARY

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary Rs.27,000/-.
Contact: 9938676412

WANTED ... WANTED
ଡିମାଣ୍ଡ ମସଲା ଏବଂ ଡିମାଣ୍ଡ ବଜାର କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ୍/ପଞ୍ଚାୟତସ୍ତରିୟ ଉଭୟ ପୁରୁଷ/ମହିଳା Stockist, Distributor, Business Dvlp. Manager, Sales Officer ଆବଶ୍ୟକ।
ଦରମା- ୧୦,୦୦୦ ରୁ ୩୦,୦୦୦ + ବୋନସ୍
ଶିକ୍ଷାଗତ ଯୋଗ୍ୟତା - ମ୍ୟାଟ୍ରିକ୍ ପାସ୍/ଫେଲ୍ +୨, +୩, BCA, BBA, MBA ଏବଂ ତଦୁର୍ଦ୍ଧ
CONTACT
9938826988, 7064545450, 8338055696
www.demandbazaar.com & www.demandmasala.com

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର୍, ମେସନ୍, କାର୍ପେଣ୍ଟର୍, ଇଲେକ୍ଟ୍ରିସିଆନ୍, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

TEACHERS REQUIRED
Teachers Required Male/Female for Odiya/English Medium School
ST. XAVIER HIGH SCHOOL
Plot No.4916, Pandav Nagar, Bhubaneswar.
Contact : 7978084379
8249088768

Officially Staff
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.20,000/-.
Contact Immediately
Mob: 9938699963

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।